

# କଟକ ସିଟି

● ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନବମ ଶ୍ରାଦ୍ଧସଭା

## ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ଜାନକୀବଲ୍ଲଭ



**କଟକ, ୨୧।୪(ସମିସ):** ଦୂରଦୃଷ୍ଟି ସମ୍ପନ୍ନ ସଫଳ ରାଜନେତା ଓ ସୁଦକ୍ଷ ବ୍ୟକ୍ତିତ୍ୱ ଥିଲେ ଜାନକୀ ବଲ୍ଲଭ ପଟ୍ଟନାୟକ। ସବୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ଅତି ସହଜରେ ସମାଧାନ କରିବାର କୌଶଳ ତାଙ୍କୁ ଜଣାଥିଲା ଓ ସେ ଥିଲେ ଅତ୍ୟନ୍ତ ବାସ୍ତବବାଦୀ। ତାଙ୍କ ଶାସନ ସମୟରେ ଓଡ଼ିଶାର ଉଲ୍ଲେଖନୀୟ ବିକାଶ ସାଧିତ ହୋଇଥିଲା ବୋଲି ପ୍ରଖ୍ୟାତ ରାଜନୀତିଜ୍ଞ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନବମ ବାର୍ଷିକ ଶ୍ରାଦ୍ଧ ସଭାରେ ଜଷ୍ଟିସ ବୀରକିଶୋର ମିଶ୍ର କହିଛନ୍ତି। ସାରଳା ଭବନଠାରେ ଆୟୋଜିତ ଉତ୍ସବରେ ଉଦ୍‌ଘାଟକ ଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ ମିଶ୍ର କହିଥିଲେ ଯେ ରାଜନୀତିକୁ ଆସୁଥିବା ଆଜିର ଯୁବପିଢ଼ି ଜାନକୀ ବଲ୍ଲଭଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଆବଶ୍ୟକ। ସଭାରେ ଜାନକୀ ବଲ୍ଲଭ ସ୍ମାରକୀ ବକ୍ତୃତା ପ୍ରଦାନ କରି କବି ଓ ଚିନ୍ତକ ହରପ୍ରସାଦ ଦାସ ଜାନକୀ ବଲ୍ଲଭଙ୍କୁ ଲୋକ କ୍ଷେତ୍ରର ସଫଳ ଲୋକ ନାୟକ ଭାବେ ଅଭିହିତ କରିଥିଲେ। ସାମ୍ବାଦିକ ଭାବରେ, ସାହିତ୍ୟିକ ଭାବରେ ଓ ରାଜନେତା ଭାବରେ ତାଙ୍କ ସଫଳତା ଶୀର୍ଷସ୍ତରୀୟ ଥିଲା ବୋଲି ସେ କହିଥିଲେ। ସଭାରେ ଅନୁଷ୍ଠାନର ସଭାପତି ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ପୌରୋହିତ୍ୟ କରି ଜାନକୀ ବଲ୍ଲଭଙ୍କୁ ସଫଳ ଜନନେତା ଭାବେ ବର୍ଣ୍ଣନା କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ ସଭାରେ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେଇ ଜାନକୀ ବଲ୍ଲଭଙ୍କୁ ପ୍ରୟାସ, ପ୍ରଜ୍ଞା, ପ୍ରତିଜ୍ଞାର ସମନ୍ୱିତ ପୁରୁଷ ବୋଲି ଅଭିହିତ କରିଥିଲେ। ଅନୁଷ୍ଠାନର ଉପସଭାପତି ଇଂ ପ୍ରଭାକର ସ୍ୱାଇଁ ଜାନକୀ ବଲ୍ଲଭଙ୍କୁ ବହୁ ପ୍ରତିଭାର ଅଧିକାରୀ ଜଣେ ବାସ୍ତବବାଦୀ ଜନନେତା ଭାବେ ଉଲ୍ଲେଖ କରିଥିଲେ। ଏହି ସଭାରେ ୨୦୨୪ ବର୍ଷ ପାଇଁ ସୁଶ୍ରୀ ସନ୍ଧ୍ୟାରାଣୀ ମଲ୍ଲିକଙ୍କୁ 'ଜାନକୀ ବଲ୍ଲଭ ସେବା ସମ୍ମାନ', ପ୍ରଫେସର ଡା. ସୁଦର୍ଶନ ପଟ୍ଟନାୟକଙ୍କୁ 'ଜାନକୀ ବଲ୍ଲଭ ସାହିତ୍ୟ ସମ୍ମାନ' ଓ ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀଙ୍କୁ 'ଜାନକୀ ବଲ୍ଲଭ ସାମ୍ବାଦିକ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଆଇନଜୀବୀ ଇଂ ଆକାଶ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ପ୍ରଫେସର ପ୍ରଭାତ କୁମାର ମିଶ୍ର, ଇଂ. ଗୋପାଳକୃଷ୍ଣ ବେହେରା, ଜାନକୀ ବଲ୍ଲଭଙ୍କ କନ୍ୟା ସୁଦତ୍ତା ପଟ୍ଟନାୟକ, ଓଡ଼ିଶା ବାର ଆସୋସିଏସନର ସଭାପତି ଆଇନଜୀବୀ ବିଜୟ ଦାଶ, ବିଜୟଲକ୍ଷ୍ମୀ ସାହୁ, ଡ. ହେମେନ୍ଦ୍ର ନାରାୟଣ ଦାସ, ନଟବର ଖୁଣ୍ଟିଆ, ଡ. ନଟବର ଶତପଥୀ, ଡ. ବାବାଜୀ ଚରଣ ପଟ୍ଟନାୟକ, ଆଇନଜୀବୀ ଦେବସ୍ମାନ ଦାସ ପ୍ରମୁଖ ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଯୁବ ସଂଗଠନ ପକ୍ଷରୁ ଦହିସର୍ବତ ବଣ୍ଟନ



**କଟକ, ୨୧।୪(ସମିସ):** ମହତାବରୋଡ ନ୍ୟୁ କଲୋନୀ ଯୁବ ସଙ୍ଗଠନ ପକ୍ଷରୁ ଦହିସର୍ବତ ବଣ୍ଟନ କରାଯାଇଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ସଙ୍ଗଠନର ସଦସ୍ୟ ଏଭଳି ପଦକ୍ଷେପ ନେଇଛନ୍ତି। ପ୍ରବଳ ଖରାରେ ପଥଚାରୀଙ୍କୁ ଦହିସର୍ବତ ବଣ୍ଟନ କରାଯାଇଥିଲା। ସଙ୍ଗଠନର ସଦସ୍ୟ ଚନ୍ଦନ ଶର୍ମା, ଆଲୋକ ଶର୍ମା, ତୋଫାନ ସ୍ୱାଇଁ, ଦେବାଶିଷ ସାହୁ, ଦିପୁ ଶର୍ମାଙ୍କ ସମେତ ମିଲନ, ସୋନୁ, ବାବାଇ, ବାବୁଲୁ, ଶୁଭମ, ଗୁଡୁ, ସାଇ, ସୋମୁ, କେଶୁ, ଓମ, ବଣ୍ଟି, ଅମିତ ଉପସ୍ଥିତ ଥିଲେ।

'ଗୁଣିଗାରେଡ଼ି ଓ ଗଣମାଧମ' ଶୀର୍ଷକ ଆଲୋଚନା

# ୧୧ ବର୍ଷରେ ଗୁଣିଆ ସନ୍ଦେହରେ ୬୦୬ ଜଣଙ୍କୁ ହତ୍ୟା

କଟକ, ୨୧।୪(ସମିସ)



ଆମ ରାଜ୍ୟରେ ଗତ ୧୧ ବର୍ଷରେ ଡାହାଣୀ ଗୁଣିଆ ସନ୍ଦେହରେ ୬୦୬ ଜଣଙ୍କୁ ହତ୍ୟା କରାଯାଇଥିବାର ଚାଞ୍ଚଲ୍ୟକର ତଥ୍ୟ ବିଶିଷ୍ଟ ହେତୁବାଦୀ ଚିନ୍ତକ ଦେବେନ୍ଦ୍ର ସୁତାର ତାଙ୍କ ନୂତନ ପୁସ୍ତକ 'ଡାହାଣୀର କାହାଣୀ'ରେ ପ୍ରକାଶ କରିଛନ୍ତି। ଭୁବନେଶ୍ୱର ଲୋହିଆ ଏକାଡେମୀ ଠାରେ 'ଗୁଣିଗାରେଡି ଓ ଗଣମାଧମ' ଶୀର୍ଷକ ଆଲୋଚନା ସଭା ଏବଂ ଉକ୍ତ ପୁସ୍ତକର ପାଠକାର୍ପଣ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ସଭାରେ ରାଜ୍ୟ ମାନବ ଅଧିକାର ଆୟୋଗ ସଭ୍ୟ ଅସୀମ ଅମିତାଭ ଦାସ, ବରିଷ୍ଠ ସାମ୍ବାଦିକ ରବି ଦାସ, କବି କେଦାର ମିଶ୍ର, ସ୍ତମ୍ଭକାର ଭାସ୍କର ପରିଛା, ସାମ୍ବାଦିକା ଗାର୍ଗୀ ଶତପଥୀ, ସୁପ୍ରିୟା ଦାଶ, ସମାଜସେବୀ ତାପସୀ ପ୍ରହରାଜ ପ୍ରମୁଖ ପୁସ୍ତକ ସଂପର୍କରେ ଆଲୋଚନା କରିଥିଲେ। ଗାଳ୍ପିକ ଦେବାଶିଷ ସାମନ୍ତରାୟ ପ୍ରାରମ୍ଭିକ ସୂଚନା ଦେଇଥିଲେ।

ଏହି ଗବେଷଣା ପୁସ୍ତକର ତଥ୍ୟକୁ ଆଧାର କରି ଏକ ରିପୋର୍ଟ ଲେଖକ ଉପସ୍ଥାପନ କରି କହିଥିଲେ ଯେ, ୧୧ ବର୍ଷରେ ହତ୍ୟା କରାଯାଇଥିବା ୬୦୬ ଜଣଙ୍କ ମଧ୍ୟରୁ ୨୨୪ ଜଣ ମହିଳା, ୨୮୪ ଜଣ ପୁରୁଷ ଏବଂ ୯୮ ଜଣ ଶିଶୁ ଅନ୍ତର୍ଭୁକ୍ତ। ଗତ ୧୧ ବର୍ଷ ମଧ୍ୟରେ ଡାହାଣୀ ଗୁଣିଆ ସନ୍ଦେହରେ ମୟୂରଭଞ୍ଜ ଜିଲ୍ଲାରେ ୧୧୦ ଜଣଙ୍କୁ, କେନ୍ଦୁଝର ଜିଲ୍ଲାରେ ୯୭ ଜଣଙ୍କୁ, ସୁନ୍ଦରଗଡ଼ ଜିଲ୍ଲାରେ ୬୭ ଜଣଙ୍କୁ, ଗଞ୍ଜାମ ଜିଲ୍ଲାରେ ୪୦ ଜଣଙ୍କୁ, ରାୟଗଡ଼ା ଜିଲ୍ଲାରେ ୩୭ ଜଣଙ୍କୁ, ମାଲକାନଗିରି ଜିଲ୍ଲାରେ ୩୧ ଜଣଙ୍କୁ ଓ କୋରାପୁଟ ଜିଲ୍ଲାରେ ୨୫ ଜଣଙ୍କୁ ହତ୍ୟା କରାଯାଇଛି। ମୋଟ ହତ୍ୟାକାଣ୍ଡର ୬୭ ଭାଗ ଏହି ସାତୋଟି ଜିଲ୍ଲାରେ ଘଟିଛି। ସର୍ବାଧିକ ଡାହାଣୀ ଗୁଣିଆ ପ୍ରବଣ ଥାନା ଗୁଡିକୁ ମଧ୍ୟ ଚିହ୍ନଟ କରାଯାଇପାରିଛି। ମୟୂରଭଞ୍ଜ ଜିଲ୍ଲାର ଯଶିପୁର, ଶରତ, ତିରିଙ୍ଗ, ରାଇରଙ୍ଗପୁର, ବାଦାମପାହାଡ, କେନ୍ଦୁଝର ଜିଲ୍ଲାର ଯୋଡା, ବାମେବାରୀ, ଘଷିପୁରା, ସୁନ୍ଦରଗଡ଼ ଜିଲ୍ଲାର କୋଇଡା, କେ. ବଲଙ୍ଗା, ବଣାଇଁ, ରାୟଗଡ଼ା ଜିଲ୍ଲାର ପୁଟାସିଂ, ବନ୍ଧୁଗାଁ, ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି, ବୁଗୁଡା, କୋଦଳା, ତାରାସିଂ ଥାନା ଅଞ୍ଚଳ ଗୁଡିକୁ ଅତ୍ୟନ୍ତ ଡାହାଣୀ ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ରାଜ୍ୟରେ ଘଟିଥିବା ପ୍ରତ୍ୟେକଟି ଆରୋପ, ହତ୍ୟାକାଣ୍ଡ ନିର୍ଯାତନା ଘଟଣାର ମୂଳକାରଣ ଅନ୍ଧବିଶ୍ୱାସ ଉପରେ ଲୋକଙ୍କର ଥିବା ବଦ୍ଧମୂଳ ଧାରଣା ସହ ୮୩ ଭାଗ ସ୍ୱାସ୍ଥ୍ୟ ଏବଂ ୧୭ ଭାଗ ଅନ୍ୟାନ୍ୟ କାରଣ ଯୋଗୁ ଘଟିଛି। ଡାହାଣୀର ପ୍ରକୋପ ଗୋଟିଏ ଗାଁ ଭିତରେ ହିଁ ସୀମାବଦ୍ଧ। ତେଣୁ ଶତକଡା ୧୮ ଭାଗ ହତ୍ୟାକାରୀ ରକ୍ତ ସଂପର୍କୀୟ ଅର୍ଥାତ ପୁଅ, ପୁତୁରା, ଭାଇ, ଜ୍ୱାଇଁ, ନାତି ଓ ବୋହୁ ଇତ୍ୟାଦି। ୩୬ ଭାଗ ହତ୍ୟାକାରୀ ଗାଁର ପଡୋଶୀ କିମ୍ବା ଗ୍ରାମର କୌଣସି ବ୍ୟକ୍ତି। ୪୧ ଭାଗ ହତ୍ୟାକାଣ୍ଡ ଗ୍ରାମବାସୀ ମିଳିତ ଭାବେ କରିଥିବା ବେଳେ ୫ ଭାଗ ହତ୍ୟାକାଣ୍ଡ କେହି ଅଜଣା ଦୁର୍ବୃତ୍ତ ଘଟାଇଥିବା ଜଣାପଡ଼ିଛି।

ଆରୋପ କରିଥିବା ବ୍ୟକ୍ତିଙ୍କୁ ଅକଥନୀୟ ନିର୍ଯାତନା ଏବଂ ନୃଶଂସ ହତ୍ୟା କରାଯାଇଥାଏ। ମହିଳାଙ୍କୁ ଉଲଗ୍ନ କରିବା, ଲଣ୍ଡା କରିବା, ଚେଙ୍କ ଦେବା, ଦାନ୍ତକୁ ଭାଙ୍ଗିବା, ଅଭକ୍ଷ୍ୟ ଖୁଆଇବା, ମାଡ ମାରିବା, ବାସନ୍ଦ କରିବା, ଘରୁ ତଡିଦେବା ଆଦି ନିର୍ଯାତନା ଦିଆଯାଇଥାଏ। ସେହିପରି ଟାଙ୍ଗିଆରେ ହାଣି ମୁଣ୍ଡରୁ ଗଣ୍ଡିକୁ ଅଲଗା କରିଦେବା, ମୁଣ୍ଡକୁ ଧରି ଥାନାରେ ପହଞ୍ଚିବା, ଠେଙ୍ଗାରେ ପିଟିପିଟି ମାରିଦେବା, ପଥରରେ ମୁଣ୍ଡକୁ ଛେଚିଦେବା, ମାରିମାରି ଚେତାଶୂନ୍ୟ ଅବସ୍ଥାରେ ଅଖାରେ ପୁରାଇ ନଦୀରେ ଫିଙ୍ଗିଦେବା, କିମ୍ବା ମାଟିତଳେ ପୋତିଦେବା, ପେଟ୍ରୋଲ ଢାଳି ଜାଳିଦେବା, ଅତର୍କିତ ଭାବେ ଆକ୍ରମଣ କରି ହାଣି ପକାଇବା, ହାତ ଗୋଡ ବାନ୍ଧି ଜିଅନ୍ତା ଜଳାଇଦେବା ଭଳି ନୃଶଂସ ହତ୍ୟାକାଣ୍ଡ ମଧ୍ୟ ଘଟିଛି। ଆଦିତ୍ୟ ଭାରତ ଏବଂ ଓଡ଼ିଶା ଗୁଣିଗାରେଡି ମୁକ୍ତ ଓଡ଼ିଶା ଅଭିଯାନ ପକ୍ଷରୁ ଆୟୋଜିତ ଏହି ଆଲୋଚନା ସଭାରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରତିନିଧି, ସାମାଜିକ କର୍ମକର୍ତ୍ତା, ଆରୋପର ଶିକାର ହୋଇଥିବା ବ୍ୟକ୍ତି, ବୁଦ୍ଧିଜୀବୀ, ପ୍ରମୁଖ ଯୋଗଦେଇଥିଲେ।



ଜଳଜଳ କରୁଛି ଅସହ୍ୟ ତାତି (ଫଟୋ - ବିକାଶ)

## ଡ୍ରିମ୍‌ସରେ 'ବସନ୍ତିକା-୨୦୨୪'



**କଟକ, ୨୧।୪(ସମିସ):** ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ 'ସ୍କୁଲ ଅଫ ଇଂଜନିୟରିଂ ଆଣ୍ଡ ଟେକ୍ନୋଲୋଜି'ର ବାର୍ଷିକ ସାଂସ୍କୃତିକ ଉତ୍ସବ 'ବସନ୍ତିକା-୨୦୨୪' ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ ଉତ୍ସବକୁ ମୁଖ୍ୟପୁରୋଧା ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଅନ୍ୟତମ ସମ୍ମାନୀତ ଅତିଥି ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର ଡ. ନୟନ ରଞ୍ଜନ ସାମଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡ. ଆଲୋକ ରଞ୍ଜନ ବିଶ୍ୱାଳ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ଉତ୍ସବରେ ଯୋଗ ଦେଇଥିଲେ। ବିବିଧ କ୍ରୀଡା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ଓ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

● ଅଂଶୁଘାତରେ ଛାତ୍ରୀ ମୃତ୍ୟୁ ଘଟଣା

## ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ଦାୟିତ୍ୱ

**କଟକ, ୨୧।୪(ସମିସ):** ଅଂଶୁଘାତରେ କାଜିଡିହ ଅଞ୍ଚଳର ଛାତ୍ରୀ ଭୁବନେଶ୍ୱରୀ ଦାସଙ୍କ ମୃତ୍ୟୁ ହେବା ଘଟଣାରେ ତଦନ୍ତ ଆରମ୍ଭ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ କଟକ ସଦର ତହସିଲର ଜଣେ ଆରଆଇ(ରାଜସ୍ୱ ନୀରିକ୍ଷକ)ଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ରବିବାର ରାଜସ୍ୱ ନୀରିକ୍ଷକ ମୃତ ଛାତ୍ରୀଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ପଚରାଉଚରା କରଥିଲେ। ତଦନ୍ତ ରିପୋର୍ଟ ଖୁବଶୀଘ୍ର ଦାଖଲ ହେବ ବୋଲି ଜଣାପଡ଼ିଛି।

ମୃତ ଛାତ୍ରୀଙ୍କ ଦାଦା ଆରଆଇଙ୍କୁ ଦେଇଥିବା ତଥ୍ୟ ଅନୁଯାୟୀ, ଶନିବାର ଦିନ ପ୍ରାୟ ୨ଟା ସମୟରେ ପ୍ରବଳ ଖରାରେ ଭୁବନେଶ୍ୱରୀ ଘରେ ପହଞ୍ଚିଲେ। ଘରେ ପହଞ୍ଚିବା ପରେ ସଙ୍ଗେସଙ୍ଗେ ଗାଧୋଇ ଥିଲେ। ଏହା ପରେ ମୁଣ୍ଡ ବିନ୍ଧୁଛି ବୋଲି କହିଥିଲେ। ଏହାର କିଛି ସମୟ ପରେ ହଠାତ ଅଚେତ ହୋଇ ପଡ଼ିଯାଇଥିଲେ। ତୁରନ୍ତ ଆମ୍ବୁଲାନ୍ସ ଡାକି ତାଙ୍କୁ ଏସସିବି ମେଡିକାଲକୁ ନିଆଯାଇଥିଲା। ଚିକିତ୍ସା ଚାଲୁଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଭୁବନେଶ୍ୱରୀଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଦାଦା କହିଛନ୍ତି। ତେବେ ଭୁବନେଶ୍ୱରୀ ହେଉଛନ୍ତି ଘରର ସାନ ଝିଅ। ଶିକ୍ଷକତା କରିବା ପାଇଁ ବିଏଡ ପାଠ ପଢୁଥିଲେ ବୋଲି ତାଙ୍କ ଦାଦା ଆରଆଇଙ୍କୁ ସୂଚନା ଦେଇଛନ୍ତି। ଏହି ରିପୋର୍ଟକୁ ତହସିଲଦାରଙ୍କୁ ପ୍ରଦାନ କରାଯିବ ବୋଲି ଆରଆଇ ଜଣାଇଛନ୍ତି। ରିପୋର୍ଟକୁ ଆଧାର କରି ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରକାଶ ଥାଉକି, ମଧୁପାଟଣା ଥାନା ଅନ୍ତର୍ଗତ କାଜିଡିହର ଜ୍ୟୋତିଭୂଷଣ ଦାସଙ୍କ ଝିଅ ହେଉଛନ୍ତି ଭୁବନେଶ୍ୱରୀ।

## ବସୁଧୈବ କୁଟୁମ୍ବକମ୍ ମିଶନର ବିଦ୍ୟାଳୟ କାର୍ଯ୍ୟକ୍ରମ

**କଟକ, ୨୧।୪(ସମିସ):** ବସୁଧୈବ କୁଟୁମ୍ବକମ ମିଶନର ସ୍ୱାସ୍ଥ୍ୟ ଓ ଆଧ୍ୟାତ୍ମିକ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ଖାନନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମିଶନର ପ୍ରତିଷ୍ଠାତା ସଭାପତି ଭାଗିରଥି ସାହୁ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ ଏଥିରେ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖାନନଗର ହାଇସ୍କୁଲର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ପ୍ରଧାନଶିକ୍ଷକଙ୍କ ସହିତ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦାନ କରି ଏହାକୁ ସଫଳତାର ସହିତ ସଂପନ୍ନ କରିଥିଲେ। ପ୍ରଥମେ ମିଶନର ପ୍ରତିଷ୍ଠାତା ସଭାପତି ଭାଗିରଥି ସାହୁ, ଛାତ୍ରଛାତ୍ରୀଙ୍କୁ ଶ୍ରଦ୍ଧାର ସହିତ ପୌରାଣିକ ଉଦାହରଣ ମାଧ୍ୟମରେ ଆପଣେଇବାକୁ ପରାମର୍ଶ ଦେଇଥିଲେ। ଡାକ୍ତର ଅକ୍ଷୟ କୁମାର ମିଶ୍ର ଛାତ୍ର ଛାତ୍ରୀଙ୍କର ସ୍ୱାସ୍ଥ୍ୟ ଶିକ୍ଷା ସହିତ ନିଜ ନିଜ ଜୀବନଚର୍ଯ୍ୟାକୁ ଶୃଙ୍ଖଳିତ ଓ ମାର୍ଜିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ପଚରାଯାଇଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଡାକ୍ତର ମିଶ୍ର ଖୁବ୍ ସହଜ ଓ ସୁନ୍ଦର ଭାବେ ପ୍ରଦାନ କରିଥିଲେ। ମିଶନର ସଭାପତି ଶ୍ରୀ ସାହୁ ମଧ୍ୟ ପିଲାମାନଙ୍କର ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଦୀପ୍ତିବାଳା ସାହୁ ଧନ୍ୟବାଦ ଦେଇଥିଲେ।

କ୍ରୀଡ଼ା ସଙ୍ଗଠନ ସମୂହ ଓ ଯାଦବ ମହାସଭାର ବନ୍ଧୁମିଳନ

# ବିଜେଡିକୁ ବିରୋଧୀଙ୍କ ସମାଲୋଚନା ନିନ୍ଦନୀୟ

କଟକ, ୨୧।୪(ସମିସ)



ବିକାଶର କଥା କୁହେ ବିଜୁ ଜନତା ଦଳ। ଏହା କେବଳ ଏକ ରାଜନୈତିକ ଦଳ ନୁହେଁ, ବରଂ ସାମାଜିକ ଆନ୍ଦୋଳନ ଭାବେ ଆଗକୁ ଆସିଛି। ଅଗଣିତ ଓଡ଼ିଆଙ୍କ କଥା ବିଚାର କରେ ବିଜେଡି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ଶୃଙ୍ଖଳିତ ଭାବେ କାର୍ଯ୍ୟ କରୁଛି। ନବୀନଙ୍କ ଶାସନ କାଳରେ ସମଗ୍ର ଓଡ଼ିଶାରେ ବିକାଶର ଯାତ୍ରା ଜାରି ରହିଛି। ଏହା ମଧ୍ୟରେ କଟକରେ ମଧ୍ୟ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ଐତିହାସିକ ବାରବାଟୀ ଷ୍ଟାଡିୟମର ନବୀକରଣ ନିମନ୍ତେ ମଧ୍ୟ ଯୋଜନା କରାଯାଇଛି। କିନ୍ତୁ ଅସହିଷ୍ଣୁ ବିରୋଧୀ ଦଳର ନେତାମାନେ ବିକାଶମୂଳକ କାର୍ଯ୍ୟକୁ ବିରୋଧ କରିବା ସହ ବିଜେଡିକୁ ସମାଲୋଚନା କରୁଛନ୍ତି। ଯାହାକି ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ ବୋଲି ଓସିଏ କ୍ଲବ ପରିସରରେ ରବିବାର ସନ୍ଧ୍ୟାରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। କ୍ରୀଡ଼ା ସଙ୍ଗଠନ ସମୂହ ଏବଂ ଯାଦବ ମହାସଭା ପକ୍ଷରୁ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ରାଜ୍ୟର ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରାଙ୍କ ନେତୃତ୍ୱରେ ବନ୍ଧୁମିଳନ ହୋଇଥିଲା। ଏଥିରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ବିଜେଡି ଜିଲା ସଭାପତି ତଥା ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ବିଜେଡି ଲୋକସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବିଧାନସଭା ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା, ନଗର ସଭାପତି ମଧୁସୂଦନ ସାହୁ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, କର୍ପୋରେଟର ବିକାଶ ବେହେରା ଓ ଦିଲ୍ଲୀପ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଓସିଏ ସମ୍ପାଦକ ସଞ୍ଜୟ ଏହି ଅବସରରେ କହିଥିଲେ ଯେ, ବିଧାୟକ ଟିକଟ ପାଇଁ ଦାବିଦାର ନଥିଲି। ଦଳରେ କୌଣସି କନ୍ଦଳ ନାହିଁ, ସମସ୍ତେ ଏକ ହୋଇ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ଏବଂ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କୁ ଜିତାଇବାକୁ ଚେଷ୍ଟା କରୁଛୁ ବୋଲି କହିଛନ୍ତି। ସେହିଭଳି ସଞ୍ଜୟ ଏବଂ କଟକ ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ପ୍ରଶଂସା କରିଥିଲେ। ସେ କହିଛନ୍ତି ଯେ, ଦଳର ସମସ୍ତ ସଦସ୍ୟ ଏକ ହୋଇ କାମ କରନ୍ତି, କୌଣସି ନିଷ୍ପତ୍ତି ମୁଁ କେବେ ବି ଏକା ନେବି ନାହିଁ। ବାରବାଟୀ କଟକ ନିର୍ବାଚନ ମଣ୍ଡଳୀରେ କୌଣସି ନିଷ୍ପତ୍ତି ମୋର ହେବ ନାହିଁ। ଯେଉଁ ସମାଲୋଚନା ଦଳକୁ ନେଇ କରାଯାଉଛି, ଆଜିର ଏହି କାର୍ଯ୍ୟକ୍ରମ ସମସ୍ତ ସମାଲୋଚନାକୁ ବନ୍ଦ କରାଇବ ବୋଲି ବିଧାୟକ ପ୍ରାର୍ଥୀ ବେହେରା କହିଛନ୍ତି। ଜିଲ୍ଲା ବିଜେଡି ସଭାପତି ତଥା ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ କହିଛନ୍ତି ଯେ, ଏହି ବିଜୁ ଜନତା ଦଳ ସହ ଜଡିତ ପ୍ରତ୍ୟେକଟି ବ୍ୟକ୍ତିଙ୍କ ନିର୍ବାଚନରେ ମୁଖ୍ୟ ଭୂମିକା ରହିଛି। କ୍ରୀଡ଼ାର ରାଜଧାନୀ ହେଉଛି କଟକ। ଏଠାକାର ବାରବାଟୀ ଷ୍ଟାଡିୟମରେ ବହୁ କାର୍ଯ୍ୟକ୍ରମ ହୋଇଛି, ଯାହାକି ବିଶ୍ୱରେ ଚର୍ଚ୍ଚା ପାଲଟିଛି। ଏହି ସଂଗଠନ ସହ ଯୋଡ଼ି ହୋଇଥିବା ସମସ୍ତ ସଦସ୍ୟ ନିର୍ବାଚନରେ ସାମିଲ ହୋଇ ଗଣତନ୍ତ୍ରକୁ ବଞ୍ଚାଇବା ଆବଶ୍ୟକ ରହିଛି ବୋଲି କହିଥିଲେ। ଲୋକସଭା ପ୍ରାର୍ଥୀ ସଂତୃପ୍ତ କହିଥିଲେ ଯେ, ସରକାରଙ୍କୁ ସମାଲୋଚନା ପ୍ରାୟତଃ ବିରୋଧୀ କରୁଛନ୍ତି। ହେଲେ ସରକାରଙ୍କୁ ପ୍ରଶଂସା କେବଳ ଏହି ସଂଗଠନ କରି ଆସୁଛି। ଲୋକଙ୍କ ଭଲପାଇବା ନେଇ କିଏ ନିର୍ବାଚନ ଜିତିବ ତାହା ସମୟ କହିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଶତାଧିକ କଂଗ୍ରେସ କର୍ମୀ ଦଳ ଛାଡି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଛନ୍ତି। ବନ୍ଧୁମିଳନରେ କ୍ରୀଡା ସଂଗଠନର ସଦସ୍ୟ ଓ ଯାଦବ ମହସଭାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

● ଯୋଗଦେଲେ ସଂତୃପ୍ତ ଓ ପ୍ରକାଶ




# କଟକ ସିଟି



## ବାପାଙ୍କ ଅନ୍ତ୍ୟୋଷ୍ଟି ସାରି ଜେଲ୍ ହାଜତକୁ ଗଲେ ଧଳ ସାମନ୍ତ ଭ୍ରାତା

**କଟକ,୨୧।୪(ସମିସ):** ସତୀଚଉରା ଶ୍ମଶାନରେ ଶେଷ ହୋଇଛି ଗ୍ୟାଙ୍ଗଷ୍ଟର ସୁଶାନ୍ତ ଓ ସୁଶୀଲ ଧଳସାମନ୍ତଙ୍କ ବାପା ସରୋଜ ଧଳସାମନ୍ତଙ୍କ ଅନ୍ତ୍ୟେଷ୍ଟି କ୍ରିୟା। ସାନପୁଅ ସୁଶୀଲ ମୁଖାଗ୍ନି ଦେଇଥିଲା। ଶବଦାହ ଶେଷ ପରେ ୨ ପୁଅ ଶ୍ମଶାନରୁ ଅସ୍ଥି ନେଇ ସିଡିଏ ଘରେ ରଖିଥିଲେ। ପରେ ସୁଶାନ୍ତକୁ ଚୌଦ୍ୱାର ଓ ସୁଶୀଲକୁ ଝାରପଡ଼ା ଜେଲ୍‌ରେ ରଖାଯାଇଛି। ଆସନ୍ତାକାଲି ୨ ଭାଇଙ୍କୁ କଟକର ଏକ କୋର୍ଟରେ ହାଜର କରିବା ପରେ ପୁଣି ବଲାଙ୍ଗିର ଓ ବାଲେଶ୍ୱର ଜେଲ୍‌କୁ ପଠାଇ ଦିଆଯିବ ବୋଲି ଜଣାପଡ଼ିଛି। ଡି' ବ୍ରଦର୍ସଙ୍କ ବାପା ସରୋଜ ଧଳସାମନ୍ତଙ୍କ ମୃତ୍ୟୁ ବିଷୟ ଶନିବାର ସକାଳେ ଜଣାପଡ଼ିବା ପରେ କୋର୍ଟଙ୍କ ଆଦେଶରେ ୨ ପୁଅ ସୁଶାନ୍ତ ଓ ସୁଶୀଲକୁ କଟକ ଆଣିବା ପାଇଁ ପୁଲିସ ବ୍ୟବସ୍ଥା କରିଥିଲା। ରାତି ପ୍ରାୟ ୧୦ଟା ବେଳେ ସାନପୁଅ ସୁଶୀଲ ବାଲେଶ୍ୱରରୁ ଆସି ସିଡିଏସ୍ଥିତ ଘରେ ପହଞ୍ଚିଥିଲା। ଭୋର ପ୍ରାୟ ୪ଟା ବେଳେ ବଡ଼ ପୁଅ ସୁଶାନ୍ତ ବଲାଙ୍ଗିର ଜେଲ୍‌ରୁ ଆସି ପହଞ୍ଚିବା ପରେ ଅନ୍ତ୍ୟେଷ୍ଟି ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଜୋନ୍ ଏସିପି ପ୍ରଦୀପ ରାଉତଙ୍କ ନେତୃତ୍ୱରେ ୧ ପ୍ଲାଟୁନ୍ ଫୋର୍ସ ଓ ୬ ଅଫିସରଙ୍କ ସୁରକ୍ଷା ବଳୟରେ ସରୋଜଙ୍କ ଶବ ସତୀଚଉରା ଅଭିମୁଖେ ବାହାରିଥିଲା। ସୁଶୀଲ ଖଇ-କଉଡ଼ି ପକାଉଥିବା ବେଳେ କୋକେଇକୁ ବଡ଼ ପୁଅ ସୁଶାନ୍ତ, ଘରର କେୟାର ଟେକର ବା ସହାୟକ, ସହାୟକଙ୍କ ପୁଅ ଓ ଅନ୍ୟ ଜଣେ ସମ୍ପର୍କୀୟ କାନ୍ଧ ଦେଇଥିଲେ। ୨ ପୁଅ ଓ ଅନ୍ୟ ୫ ଜଣ ସମ୍ପର୍କୀୟ ଶବ ଶୋଭାଯାତ୍ରାରେ ଯାଇଥିଲେ। ସକାଳ ପ୍ରାୟ ୬ଟା ୪୫ରେ ପୁଲିସର ୨ ଏସ୍‌କର୍ଟ ଟିମ୍ ସୁଶାନ୍ତ ଓ ସୁଶୀଲକୁ ଚୌଦ୍ୱାର ଓ ଝାରପଡ଼ା ଜେଲ୍ ଅଭିମୁଖେ ନେଇ ବାହାରିଥିଲା।

## ଧଳସାମନ୍ତ ସହଯୋଗୀ ପିଣ୍ଟୁ ଗିରଫ

**କଟକ,୨୧।୪(ସମିସ):** ଗ୍ୟାଙ୍ଗଷ୍ଟର ଧଳସାମନ୍ତ ସହଯୋଗୀ ତିନିଘରିଆ ପିଣ୍ଟୁ ଓରଫ ଦେବାଶିଷ ରାଉତରାୟ(୩୫)କୁ ଆଜି ମଧୁପାଟଣା ଥାନା ପୁଲିସ ଗିରଫ କରିଛି। ଭୁବନେଶ୍ୱର କମିଶନରେଟ୍ ପୁଲିସରେ ଫେରାର ଥିବାରୁ ଏକ ପୁରୁଣା ୱାରେଣ୍ଟି ବଳରେ ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ଅନୁଯାୟୀ, ମଧୁପାଟଣା ଥାନା ଅନ୍ତର୍ଗତ ତିନିଘରିଆର ଦେବାଶିଷ ଦୀର୍ଘ ଦିନ ଧରି ଧଳସାମନ୍ତ ଗ୍ୟାଙ୍ଗ୍ ସହିତ କାମ କରିଆସୁଥିଲେ। ତେବେ ଭୁବନେଶ୍ୱର ମଞ୍ଚେଶ୍ୱର ଅଞ୍ଚଳରେ ୨୦୧୩ରେ ଏକ ଡକାୟତି ଯୋଜନା କରୁଥିବା ବେଳେ ପୁଲିସ ତା ପିଛା କରିଥିଲା। ତା ବିରୋଧରେ ଦଫା ୩୯୯, ୪୦୨ରେ ଏକ ମାମଲା(କେସ୍ ନଂ ୧୮) ରୁଜୁ କରିଥିଲା। କିନ୍ତୁ ସେବେଠାରୁ ଦେବାଶିଷ ଫେରାର ଥିଲା। କୋର୍ଟରୁ ତା ବିରୋଧରେ ୱାରେଣ୍ଟ୍ ଜାରି ହୋଇଥିଲା। ମଧୁପାଟଣା ଥାନା ପୁଲିସ ତାକୁ ଶେଷରେ କାବୁ କରିଛି। ତା ବିରୋଧରେ ମଧୁପାଟଣା ଥାନା ସମେତ କମିଶନରେଟ୍ ପୁଲିସରେ ପ୍ରାୟ ୫ଟି ଅପରାଧୀକ ମାମଲା ରହିଛି। ସେ ଟେଣ୍ଡର ଫିକ୍ସିଂ, ଦାଦାବଟି ଆଦାୟ, ଡକାୟତି ଭଳି ଅପରାଧୀକ ମାମଲାରେ ସମ୍ପୃକ୍ତ ରହିଥିବା ଜଣାପଡ଼ିଛି।

## ମହାନଗର ଶାନ୍ତି କମିଟି ପକ୍ଷରୁ କୃତଜ୍ଞତା



**କଟକ,୨୧।୪(ସମିସ):** ଚଳିତବର୍ଷ ବାସନ୍ତୀ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ମହାସମାରୋହରେ ଶାନ୍ତିଶୃଙ୍ଖଳା ସହ ସମାପନ କରିଥିବାରୁ କଟକ ମହାନଗର ଶାନ୍ତି କମିଟିର ସାଧାରଣ ସମ୍ପାଦକ ଭିକାରୀ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି। ୧୪ ତାରିଖ ମହାଷଷ୍ଠୀରୁ କଟକ ସହର କୋଣ-ଅନୁକୋଣରେ ପ୍ରାୟ ୧୮ଟି ସ୍ଥାନରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା। ପୁଲିସ ପ୍ରଶାସନ ଓ କଟକ ମହାନଗର ନିଗମ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିଥିବାରୁ ବିଶେଷ ଭାବେ କଟକ ସହରର ଅଗଣିତ ଜନସାଧାରଣ, ଶାନ୍ତି କମିଟି ଓ ବାସନ୍ତୀ ଦୁର୍ଗାପୂଜା କମିଟିର କର୍ମକର୍ତ୍ତାଙ୍କୁ ଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଛନ୍ତି। ଶାନ୍ତି କମିଟିର କର୍ମକର୍ତ୍ତାମାନେ ଭସାଣି ଶୋଭାଯାତ୍ରାରେ ବିଭିନ୍ନ ମେଢ଼ ଶୋଭାଯାତ୍ରାକାରୀଙ୍କୁ ଉତ୍ସାହିତ କରିଥିବାରୁ ଶ୍ରୀ ଦାସ ସେମାନଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ବଢୁଛି ମାମଲା ବୋଝ

# ୧୯ଟି ଥାନାରେ ୭ ହଜାର ୨୨୫ ମାମଲା

**କଟକ,୨୧।୪(ସମିସ)**

ପ୍ରାକ୍ ନିର୍ବାଚନ ପରିଚାଳନା ପ୍ରସ୍ତୁତି ତଥା ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଭଳି କାର୍ଯ୍ୟରେ ପୁଲିସ ନିୟୋଜିତ ରହିଥିବା ବେଳେ ଆଜି ଡିସିପି ପ୍ରକାଶ.ଆର୍ କମିଶନରେଟ୍ ପୁଲିସର ସମସ୍ତ ଥାନାରେ ମାମଲାର ବୋଝକୁ କମାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ପଡ଼ି ରହିଥିବା ମାମଲାର ତଦନ୍ତ ଶୀଘ୍ର ସାରିବାକୁ କହିଛନ୍ତି। ସମସ୍ତ ଥାନାର ଆଇଆଇସିମାନଙ୍କୁ ଏ ସମ୍ପର୍କିତ ନୋଟିସ୍ ପଠାଯାଇଛି। ଅଳ୍ପ ଦିନ ମଧ୍ୟରେ ୨ଜଣ ଡିସିପିଙ୍କ ବଦଳି ହୋଇଥିଲା। ନୂଆ ଡିସିପି ପ୍ରକାଶ କାର୍ଯ୍ୟରେ ଯୋଗ ଦେବା ପରେ ବିଭିନ୍ନ ଥାନାରେ ପଡ଼ି ରହିଥିବା ମାମଲା ଗୁଡ଼ିକର ତାଲିକା ମଗାଇ, ତାହାକୁ ଯାଞ୍ଚ କରିବା ସହିତ ତଦନ୍ତକୁ ଖୁବ୍‌ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯ରେ କଟକର ବିଭିନ୍ନ ଥାନାରେ ୫,୩୦୨ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୦ ବର୍ଷରେ ଏହା ୫,୬୨୩କୁ ବୃଦ୍ଧି ପାଇଥିଲା। ୨୦୨୨ବର୍ଷରେ ଏହା ବଢ଼ି ୬,୪୩୭ରେ ପହଞ୍ଚିଥିଲା। ସେହିପରି ୨୦୨୩ବର୍ଷରେ ୭ହଜାର ୨୨୫ଟି ମାମଲା ରୁଜୁ ହୋଇଛି। ଏହି ସଂଖ୍ୟା କ୍ରମଶଃ ବଢ଼ି ଚାଲିଛି। କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ତଦନ୍ତରେ ବିଳମ୍ବ ନକରିବାକୁ ବିଭାଗୀୟ ନିର୍ଦ୍ଦେଶନାମା ଆସିଥିବା ବେଳେ ପୁଲିସ ମଧ୍ୟ ଏ ସଂକ୍ରାନ୍ତରେ ତତ୍ପରତା ଦେଖାଉଛି ବୋଲି ଏଡିସିପି ଅନୀଲ ମିଶ୍ର କହିଛନ୍ତି।




ପ୍ରକାଶ ଥାଉ କି, କମଶନରେଟ୍ ପୁଲିସ ବ୍ୟବସ୍ଥା ଆରମ୍ଭ ହେବା ପରେ ମାମଲାର ତଦନ୍ତ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। କମିଶନରେଟ୍ ପୁଲିସ ବଡ ବଡ ମାମଲାରେ ଦକ୍ଷତା ପ୍ରଦର୍ଶନ କରି ସଫଳତା ଅର୍ଜନ ମଧ୍ୟ କରିଛି। ଅନ୍ୟପକ୍ଷରେ ଦିନକୁ ଦିନ କମିଶନରେଟ୍ ଅଞ୍ଚଳରେ ଅପରାଧ ବଢିବା ସାଙ୍ଗକୁ ମାମଲା ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଯାହା ପୁଲିସ ପାଇଁ ଚିନ୍ତା ବଢାଇଛି। କଟକ କମିଶନରେଟ୍ ପୁଲିସ ଅଧିନରେ ମୋଟ୍ ୧୯ଟି ଥାନା ରହିଛି। ତନ୍ମଧ୍ୟରୁ ୧୭ଟି ଥାନା ରହିଥିବା ବେଳେ ଗୋଟିଏ ମହିଳା ଥାନା ରହିଛି। ସହରର ବିଭିନ୍ନ ଥାନାରେ ମୋଟ ୩୦ ପ୍ରତିଶତରୁ ଅଧିକ କର୍ମଚାରୀ ପଦବୀ ଏବେ ବି ଫାଙ୍କା ପଡିଛି। ଥାନା ରେ ଫାଙ୍କା ଥିବା ପଦ ପୂରଣ ଲାଗି ଉପରିସ୍ଥ ପଦାଧିକାରୀ ଜାଣିଥିଲେ ମଧ୍ୟ ଏହାର ସମାଧାନ ଏପର୍ଯ୍ୟନ୍ତ ହୋଇପାରି ନାହିଁ। ସାଧାରଣତଃ ଅପରାଧ ନିୟନ୍ତ୍ରଣ ଓ ଆଇନ୍‌ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ଥାନାର କର୍ମଚାରୀମାନଙ୍କୁ ସମୟ ଦେବାକୁ ପଡିଥାଏ। ମାତ୍ର ଅଳ୍ପ ସଂଖ୍ୟାର ପୁଲିସ କର୍ମଚାରୀ ଥିବାରୁ ମାମଲାର ସଂଖ୍ୟା ବଢିବା ସହ ଠିକ୍ ଢଙ୍ଗରେ ତଦନ୍ତ ମଧ୍ୟ ହୋଇପାରୁ ନାହିଁ। ଏପରିକି ବହୁ ସମୟରେ ତଦନ୍ତ ଚାଲିଥିବା ବେଳେ ତଦନ୍ତକାରୀ ଅଧିକାରୀଙ୍କୁ ବଦଳି କରାଯାଉଥିବାରୁ ଉକ୍ତ ମାମଲାର ତଦନ୍ତ ଅଧାରେ ଅଟକି ରହୁଛି। ଫଳରେ କମିସନରେଟ୍ ପୁଲିସ ପାଇଁ ମାମଲାର ବୋଝ ସମସ୍ୟା ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁସାରେ, ୨୦୨୩ ବର୍ଷ ଚୌଦ୍ୱାର ଥାନାରେ ୬୨୬, ଜଗତପୁର ଥାନାରେ ୫୫୩, ଚାଉଳିଆଗଞ୍ଜ ଥାନାରେ ୪୭୨, ମାମଲା ଦାୟର ହୋଇଛି। ଏଥିସହ ଲାଲବାଗରେ ୩୨୫, ମଙ୍ଗଳାବାଗ ୩୧୯, ବିଡ଼ାନାସୀ ୨୯୦, ବାଦାମବାଡ଼ି ୨୮୯, ପୁରୀଘାଟ ୨୮୫, ମଧୁପାଟଣା ୨୮୪, ମାଲଗୋଦମ ୨୬୨, ମର୍କତନଗର ୨୩୮, ବାରଙ୍ଗ ୨୧୨, କନ୍ଦରପୁର ୨୧୧, କ୍ୟାଣ୍ଟନମେଣ୍ଟ ୧୫୦, ଦରଘାବଜାର ୧୩୯, ମହିଳା ଥାନା ୧୧୨, ସିଡିଏ ଫେଜ୍-୨ ଥାନା ୯୪ ଓ ଏନର୍ଜି ଥାନାରେ ୫୭ଟି ମାମଲା ଚଳିତ ବର୍ଷ ରୁଜୁ ହୋଇଥିଲା। ତନ୍ମଧ୍ୟରୁ ୫୦ ପ୍ରତିଶତରୁ ଅଧିକ ମାମଲାର ସଠିକ୍ ତଦନ୍ତ ହୋଇପାରି ନାହିଁ। କମିଶନରେଟ୍ ଭଳି ଗୁରୁତ୍ୱପୂର୍ଣ୍ଣ ପୁଲିସ ସେବାରେ ଥାନାରେ ଖାଲିପଡିଥିବା ପୁଲିସ କର୍ମଚାରୀ ନିଯୁକ୍ତି ଦେବାକୁ ଦାବି ହୋଇଛି। ଏ ନେଇ କମିଶନରେଟ ପୁଲିସ ପକ୍ଷରୁ ବହୁବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଛି। ମାତ୍ର ଏହା କାର୍ଯ୍ୟକାରୀ ହୋଇପାରି ନଥିବା ଜଣାପଡ଼ିଛି।

## ୫୪ନଂ ୱାର୍ଡ ବିଜେଡି କର୍ମକର୍ତ୍ତା ବୈଠକ

**କଟକ,୨୧।୪(ସମିସ)**



ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫୪ନଂ ୱାର୍ଡ ବିଦ୍ୟାଧରପୁରସ୍ଥିତ ମହିମାନଗରଠାରେ ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡିର ବୁଥସ୍ତରୀୟ କର୍ମକର୍ତ୍ତା ବୈଠକ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଓ ସ୍ଥାନୀୟ କର୍ପୋରେଟର ତାପସ ସାମନ୍ତରାୟଙ୍କ ସଂଯୋଜନାରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ନୂଆବଜ଼ାର, ପୋତାପୋଖରୀ, ଗାନ୍ଧିପଲ୍ଲୀ, ନେହେରୁ କଲୋନୀ, ଶାସ୍ତ୍ରୀନଗର ପ୍ରଭୃତି ଅଞ୍ଚଳର ଭୋଟରଙ୍କୁ ନେଇ ଏହି ବୈଠକ କରାଯାଇ ଆଗାମୀ ନିର୍ବାଚନରେ ବିଜେଡି ଲୋକସଭା ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ଓ ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳଙ୍କୁ ସର୍ବାଧିକ ଭୋଟରେ ଜିତାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏହି ୱାର୍ଡର ନିର୍ବାଚନ କମିଟି ପରିଚାଳନା ନିମନ୍ତେ କର୍ପୋରେଟର ଶ୍ରୀ ସାମନ୍ତରାୟଙ୍କୁ ନିର୍ବାଚନ ଅଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇ ଏହି ୱାର୍ଡରେ ଟିମ-୨୫ ଗଠନ କରାଯାଇଥିଲା। ଏହି ଟିମ-୨୫ରେ ଅନ୍ତର୍ଭୁକ୍ତ ପ୍ରତ୍ୟେକ ସଦସ୍ୟମାନେ ୨୫ଟି ଘର ବୁଲିବେ। ଏହି ବୈଠକରେ ୱାର୍ଡ ପର୍ଯ୍ୟବେକ୍ଷକ ଲୋକନାଥ ସାହୁ ଓ ଭୀମସେନ ସାବତ, ୱାର୍ଡ ବିଜେଡି ସଭାପତି ବିଜୟ ଦାସ, ପୋତାପୋଖରୀ ଗ୍ରାମଧିକାରୀ ସଞ୍ଜୟ ଦାସ, ନୂଆବଜ଼ାର ପୂଜାକମିଟି ସମ୍ପାଦକ ଉମେଶ ସାହୁ, ଏସସିବି ମେଡ଼ିକାଲ ଉପଦେଷ୍ଟା ଦିଲ୍ଲୀପ ସାହୁଙ୍କ ସମେତ ବିଜେଡି ନେତା ପ୍ରକାଶ ପଟ୍ଟନାୟକ, ଚନ୍ଦ୍ରକାନ୍ତ ଦାସ, ବିନୋଦ ନାୟକ, ରିତ ମହାନ୍ତି, ହେମନ୍ତ ଦାସ, ହୃଷିକେଶ ସାହୁ, ଦେବାଶିଷ ଦଳେଇ, ତନ୍ମୟ ରାଉତ, ସନ୍ଦୀପ ମହାନ୍ତି, ଅବିନାଶ ବିଶ୍ୱାଳ, ଦୀପକ ଖୁଣ୍ଟିଆ, ଗଗନ ସାହୁ, ଅଭୟ ଲେଙ୍କାଙ୍କ ସମେତ ବହୁ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତମାତା ପୂଜନ ସମିତିର ପ୍ରତିମୂର୍ତ୍ତି ବିସର୍ଜିତ

**କଟକ,୨୧।୪(ସମିସ):** ୨୦୦୫ରୁ ଫିରୋଡ଼୍ ସିଡିଏସ୍ଥିତ ଭାରତମାତା ମନ୍ଦିରରେ ବାସନ୍ତୀ ଦୁର୍ଗାପୂଜା ତିଥିରେ ଭାରତମାତାଙ୍କୁ ଦୁର୍ଗା ରୂପରେ ପୂଜିତ କରାଯାଉଛି। ଚଳିତ ବର୍ଷ ଅପ୍ରେଲ ୧୬ ତାରିଖ ମହାଷ୍ଟମୀ ତିଥିରୁ ଭାରତମାତାଙ୍କୁ ଦୁର୍ଗା ରୂପରେ ପୂଜନ କରାଯାଇଥିଲା। "ଗୋଳମାଳ'ର ସମ୍ପାଦକ ମାଧବଚନ୍ଦ୍ର ସ୍ୱାଇଁ ଓ ତାଙ୍କ ସହଧର୍ମିଣୀ ଶୈଳବାଳା ସ୍ୱାଇଁ କର୍ତ୍ତା-କର୍ତ୍ତ୍ରୀ ଭାବେ ପୂଜାବିଧି ସମ୍ପନ୍ନ କରିଥିଲେ। ୧୮ ତାରିଖ ବିଜୟା ଦଶମୀ ତିଥିରେ ପୁରୀଘାଟସ୍ଥିତ ଦେବୀଗଡାଠାରେ ପ୍ରଥମ ମେଢ଼ ଭାବେ ଭାରତମାତାଙ୍କ ପ୍ରତିମୂର୍ତ୍ତି ବିସର୍ଜନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ସମିତିର ମୁଖ୍ୟ ପୃଷ୍ଠପୋଷକ ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ, ସଭାପତି ଭିକାରୀ ଦାସ, ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ଓ କୋଷାଧ୍ୟକ୍ଷା ଗୀତାରାଣୀ ଦାସ, ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ସବିତାରଞ୍ଜନ ପଟ୍ଟନାୟକ, ଦୟାନିଧି ଲେଙ୍କା, ରଜନୀକାନ୍ତ ଦାସ, ବୀରେନ୍ଦ୍ର ସାହୁ, ରବି ଅଗ୍ରୱାଲ, ସୌମେନ୍ଦ୍ର ନାୟକ, ବ୍ରହ୍ମାନନ୍ଦ ସିଂହ, ଲୋକନାଥ ସାହୁ, ସନ୍ତୋଷ ମହାପାତ୍ର, କେ ଭାସ୍କର ରାଓ, ଗୀତାଞ୍ଜଳି ବେଉରା, ନିଶିକାନ୍ତ ସେଠୀ, କଳ୍ପନା ବେହେରା, ଜ୍ୟୋତିରଞ୍ଜନ ପଲେଇ, ଲଲାଟେନ୍ଦୁ ଦାସ, ସୁଦୀପ୍ତ ସ୍ୱାଇଁ, କେଦାର ବେହେରା, ଦେବାଶିଷ ରାୟ, ଅକ୍ଷୟ ଆଚାର୍ଯ୍ୟ, କାଳନ୍ଦୀ ମାଳିଆ, ଦେବାଶିଷ ଘୋଷ, ରବୀନ୍ଦ୍ର ବେହେରା, ନରେଶ ସାହୁ, ମୀନକେତନ ଦାସ, ବୀରେନ୍ଦ୍ର ବେହେରା ଏହାକୁ ସଫଳ କରାଇଥିଲେ।

## ଏନ୍‌ଆର୍‌ଆର୍‌ଆଇରେ ସ୍ୱାସ୍ଥ୍ୟସେବା ଶିବିର




**କଟକ,୨୧।୪(ସମିସ):** ବିଦ୍ୟାଧରପୁରସ୍ଥିତ ଏନଆରଆରଆଇରେ ପୂର୍ବାଞ୍ଚଳ ପେନସନର୍ସ ଆସୋସିଏସନ ତରଫରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଆସୋସିଏସନର ସଭାପତି ଡ଼ ଶରତ ଚନ୍ଦ୍ର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠାନର ନିର୍ଦ୍ଦେଶକ ଡ଼ ଅମରେଶ କୁମାର ନାୟକ ସ୍ୱାସ୍ଥ୍ୟ ସେବା ଶିବିର ଉଦଘାଟନ କରିଥିଲେ। ଡାକ୍ତର ଯୋଗେଶ୍ୱର ପାଣିଙ୍କ ତତ୍ତ୍ୱବଧାନରେ ଗୁରୁତ୍ୱପୂର୍ଣ୍ଣ ବିଭାଗର ବିଶେଷଜ୍ଞ ଡାକ୍ତର (ହୃଦରୋଗ, ସ୍ତ୍ରୀ ରୋଗ, ଛାତି ରୋଗ, ମେଡ଼ିସିନ, ସ୍ନାୟୁ, ଅର୍ଥପେଡ଼ିକ)ଙ୍କ ସହ ଦଶ ଜଣ ପାଥୋଲୋଜି ଟେକ୍ନିସିଆନଙ୍କ ଦ୍ୱାରା ଶତାଧିକ ପେନସନର୍ସ, କର୍ମଚାରୀ ଏବଂ ପରିବାର ବର୍ଗମାନଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇଥିଲା। ସାଧାରଣ ସମ୍ପାଦକ ବସନ୍ତ ସାହୁ, ଆସୋସିଏସନର ସମସ୍ତ କର୍ମକର୍ତ୍ତା ଏବଂ ଅନୁଷ୍ଠାନର ଅଧିକାରୀଙ୍କ ସହାୟତାରେ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ଡ. ଶଶାଙ୍କ ଶେଖର ଚୌପଟ୍ଟନାୟକ ସମସ୍ତ ବିଶେଷଜ୍ଞ ଡାକ୍ତର, ଟେକ୍ନିସିଆନ ଏବଂ ଯୋଗଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସମାବେଶ

# ସଂତୃପ୍ତ-ପ୍ରକାଶ-ସୌଭିକଙ୍କ ବିଜୟ ପାଇଁ ଆହ୍ୱାନ

**କଟକ,୨୧।୪(ସମିସ)**




ସିଡିଏସ୍ଥିତ ଓିଣ୍ଡସର ପ୍ଲେସରେ ରବିବାର ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସାମ୍ମୁଖ୍ୟ ସଭାପତି ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟସଭା ସାଂସଦ ତଥା କଟକ ଜିଲ୍ଲା ସଭାପତି ଦେବାଶିଷ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଜେଡିର ଲୋକସଭା ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବାରବାଟୀ-କଟକର ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା, ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ ଉପସ୍ଥିତ ଥିଲେ। ବିଜୁ ଜନତା ଦଳର ଏହି ତିନି ପ୍ରାର୍ଥୀଙ୍କୁ ବିଶାଳ ଭୋଟ ବ୍ୟବଧାନରେ ବିଜୟୀ କରିବାକୁ ସମାବେଶରେ ଆହ୍ୱାନ ଦିଆଯାଇଛି। କଟକ ନଗର ବିଜେଡି ସଭାପତି ମଧୁସୂଦନ ସାହୁ, ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସମ୍ପାଦକ ଶୁଭ୍ରାଂଶୁ ମହାନ୍ତି, ରାଜ୍ୟ ଆଇନଜୀବୀ ପରିଷଦ ସଭାପତି ଶୀତାଂଶୁ ମୋହନ ଦ୍ୱିବେଦୀ, ଉପସଭାପତି ରାଜୀବ ମହାନ୍ତି, ସାମୁଖ୍ୟର ଉପଦେଷ୍ଟା ମନୋଜ ବର୍ମା, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ ପ୍ରମୁଖ ମଞ୍ଚାସୀନ ଥିଲେ।

ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟର ଆଇନଜୀବୀଙ୍କ ସୁରକ୍ଷା ତଥା କଲ୍ୟାଣ ପାଇଁ ସରକାର ଅନେକ ଯୋଜନା ଆରମ୍ଭ କରିଛନ୍ତି। ଆଗକୁ ଆଇନଜୀବୀମାନଙ୍କର ଆହୁରି କିପରି ଉନ୍ନତି ହୋଇପାରିବ ସେ ପ୍ରତି ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଓ ତାଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ନିମନ୍ତେ ଆସନ୍ତା ସାଧାରଣ ନିର୍ବାଚନରେ କଟକ ଲୋକସଭା ସଂସଦୀୟ କ୍ଷେତ୍ର ସହ ବାରବାଟୀ-କଟକ ଏବଂ ଚୌଦ୍ୱାର-କଟକରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ କିପରି ବିଜୟୀ କରାଯିବ ସେ ନେଇ ସମାବେଶରେ ଆଲୋଚନା ହୋଇଥିଲା। ସମାବେଶରେ ରାଜ୍ୟ ବାର କାଉନସିଲର ସଦସ୍ୟ ଅକ୍ଷୟ କୁମାର ପତି, ବିଜେପି ନେତା କୃଷ୍ଣଚନ୍ଦ୍ର ମଲ୍ଲିକ, କଟକ କ୍ରିମିନାଲ ବାରର ପୂର୍ବତନ ସମ୍ପାଦକ ସୁବାସ ଚନ୍ଦ୍ର ମହାନ୍ତି ଓ ରାଜ୍ୟ ଯୁବ କଂଗ୍ରେସ ଲିଗାଲ ସେଲ ପୂର୍ବତନ ଅଧ୍ୟକ୍ଷ ଲଲାଟେନ୍ଦୁ ଜେନା, ଚିନ୍ମୟୀ ସ୍ୱାଇଁ, ଗୁଣ୍ଡୁରି ପଣ୍ଡା ଓ ତାରାକାନ୍ତ ମହାନ୍ତି ପ୍ରମୁଖ ଶତାଧିକ ସମର୍ଥକମାନଙ୍କ ସହ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ। ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଗଗନଚନ୍ଦ୍ର ମେହେର, ଶଶିଭୂଷଣ ଦାସ, ମୀରା ଦାସ, ଭାରତୀ ଦାସ, ଜୟଦୀପ ପାଲ, ବଂଶୀଧର ଶତପଥୀ, ଜନ୍ମେଜୟ କଟକିଆ, ତାପସ ମଙ୍ଗରାଜ, ସୁନୀଲ ସାମଲ, କରୁଣାକର ଦାସ, କରୁଣାକର ଗୟା, ସଞ୍ଜୟ ଦାସ, କର୍ପୋରେଟର ବନଲତା ପ୍ରଧାନ, ଏ ଶ୍ରୀଦେବୀ, ଦେବେନ୍ଦ୍ର ନାଥ ବାରିକ, ସୁଷମା ସାହୁ, ଦୀପକ ପରିଡ଼ା, ଧୀରେନ୍ଦ୍ର ପ୍ରତାପ, ବିଜ୍ଞାନ ମହାପତ୍ର, ବିଜୟ ପରିଡା, ପ୍ରଭାତ ଦାସ, ଅମରେଶ ତ୍ରିପାଠୀ, ମନୋଜ ମହାପାତ୍ର, ବିକାଶ ବିଶ୍ୱାଳ, ସ୍ମୃତି ଦାସ, ରଞ୍ଜନ ନାୟକ, ଶିଶିର ନାୟକ, ଫରକନ ଅହମ୍ମଦ, ସୁଶୀଲ ସ୍ୱାଇଁ, ଅମିତାଭ ପଟନାୟକ, ଗଣମାଧ୍ୟମ ସଂଯୋଜକ ଅମିତାଭ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



## କଳିଙ୍ଗ ଭାରତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




**କଟକ,୨୧।୪(ସମିସ):** ସାରଳା ଭବନଠାରେ ୨୦ ତାରିଖ ସନ୍ଧ୍ୟାରେ କଳିଙ୍ଗ ଭାରତୀ ଶିଶୁ ବିଦ୍ୟା ମନ୍ଦିରର ୧୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକଙ୍କର ଅଧ୍ୟକ୍ଷତାରେ ପ୍ରଫେସର୍ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଉଦଘାଟକ ଭାବେ, ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଡକ୍ଟର ବିପିନ ବିହାରୀ ମିଶ୍ର ମୁଖ୍ୟଅତିଥି ଭାବେ, ଅଗ୍ରଣୀ ଓଡ଼ିଶାର ସଭାପତି ତପନ କୁମାର ସାହୁ, ସମାଜସେବୀ ବାଳକୃଷ୍ଣ ବେହେରା, କଣ୍ଠଶିଳ୍ପୀ ସୌଦାମିନୀ ତ୍ରିପାଠୀ, ଶିକ୍ଷାବିତ୍ ବସନ୍ତମଞ୍ଜରୀ ନନ୍ଦ, ମାତୃଶକ୍ତି କଟକ ମାରୱାଡ଼ି ସମାଜର ଅଧ୍ୟକ୍ଷ ସମ୍ପତ୍ତି ମୋଡ଼ା, ଗୋଲକଚନ୍ଦ୍ର ସିଂହ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା, ସମ୍ପାଦକ ଚିତ୍ତରଞ୍ଜନ ପାଢ଼ୀ ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ନିର୍ଦ୍ଦେଶିକା ସାନୁ ସାହୁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଶିକ୍ଷୟିତ୍ରୀ ମାନସୀ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାର ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଆଚାର୍ଯ୍ୟ ମାନିନୀ ସାହୁ, ମୁଖ୍ୟ କିରାଣି ଉପେନ୍ଦ୍ର ସେନାପତି, ରଶ୍ମିଅଞ୍ଜଳି ସାହୁ, ରାଜଶ୍ରୀ ବେହେରା, ସାଗରିକା ଦାସ, ସୁଜାତା ଦାସ, ସୌମିତ୍ରୀ ଦତ୍ତ, ବିଷ୍ଣୁପ୍ରିୟା ସାହୁ ପ୍ରମୁଖ ଗୁରୁ-ଗୁରୁମା' ମାନେ ଉତ୍ସବକୁ ପରିଚାଳନା କରିଥିଲେ। ପଣ୍ଡିତ ଦାସରଥୀ ପାଢ଼ୀ ଧନ୍ୟବାଦ ଦେଇଥିଲେ।

### ୪ ବର୍ଷ ନ ପୂରୁଣୁ ଖରାପ ହୋଇଗଲା ଷ୍ଟ୍ରିଟ୍‌ଲାଇଟ୍

# ୬୦ରୁ ୧୦ ଜଳୁଛି, ବାକି ଅନ୍ଧାର



ସାଲେପୁର,୨୧।୪(ସମିସ)

ସାଲେପୁର ବଜାର ଉଜ୍ଜ୍ୱଳ ଆଲୋକୀକରଣ ପାଇଁ ପ୍ରାୟ ୬୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବଜାରର ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିବାବେଳେ ୪ ବର୍ଷ ନ ପୂରୁଣୁ ବଜାରର ବିଭିନ୍ନ ସ୍ଥାନରେ ଏହି ଲାଇଟ୍ ଗୁଡିକ ଜଳୁ ନ ଥିବା ଦେଖିବାକୁ ମିଳିଛି। ନିମ୍ନମାନର ଲାଇଟ୍ ଏହି ଆଲୋକୀକରଣ ବ୍ୟବସ୍ଥା ପାଇଁ ବ୍ୟବହାର କରାଯାଇଥିବାରୁ କମ୍ ସମୟ ମଧ୍ୟରେ ଲାଇଟ୍ ଗୁଡିକ ଖରାପ ହୋଇଯାଇଥିବା ନେଇ ଅଭିଯୋଗ ହୋଇଛି। ନିମ୍ନମାନର ଯନ୍ତ୍ରାଂଶ ବ୍ୟବହାର କରାଯାଇ ସରକାରୀ ଅର୍ଥ ଆତ୍ମସାତ୍ କରାଯାଇଥିବା ନେଇ ଅଭିଯୋଗ ହୋଇଛି।

ଅଭିଯୋଗରୁ ପ୍ରକାଶ ଯେ ସରକାରଙ୍କ ପକ୍ଷରୁ ୨୦୧୯ ମସିହା ସେପ୍ଟେମ୍ବର ମାସ ୩୦ ତାରିଖରେ ସାଲେପୁର ଅଞ୍ଚଳର ସେଣ୍ଟ୍ରାଲ ବଜାର, ସେର ବଜାର, ମିନି ମାର୍କେଟ୍, ଲକ୍ଷ୍ମୀ ମାର୍କେଟ୍, ହରଗୌରୀ ମାର୍କେଟ୍ ଆଦି ବଜାର ଅଞ୍ଚଳକୁ ଆଲୋକୀକରଣ କରିବା ନିମନ୍ତେ ବିଧାୟକଙ୍କ ପାଣ୍ଠିରୁ ପ୍ରାୟ ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ସବୁ ବଜାରର ବିଭିନ୍ନ ସ୍ଥାନରେ ୬୦ରୁ ଊର୍ଦ୍ଧ୍ୱ ଖୁଣ୍ଟ ପକାଯାଇ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। କିନ୍ତୁ ଦୁଃଖର ବିଷୟ ଏହି ଲାଇଟ୍ ଲଗାଇବାର ୩ ବର୍ଷ ପରେ ଗୋଟିଏ ପରେ ଗୋଟିଏ ଲାଇଟ୍ ଖରାପ ହୋଇ ଏବେ ବଜାର ସଂପୂର୍ଣ୍ଣ ଅନ୍ଧକାର ହୋଇଯାଇଛି। ଏବେ ସୁଦ୍ଧା ୬୦ଟି ଷ୍ଟ୍ରିଟ୍ ଲାଇଟ୍ ମଧ୍ୟରୁ ପ୍ରାୟ ୧୦ଟି ଲାଇଟ୍ ଜଳୁଥିବା ଦେଖିବାକୁ ମିଳିଛି। ନିମ୍ନମାନର ଷ୍ଟ୍ରିଟ୍ ଲାଇଟ୍ ବ୍ୟବହାର କରାଯାଇଥିବାରୁ ଲାଇଟ୍ ଗୁଡିକ ଖରାପ ହୋଇଯାଇଛି। ଏପରିକି ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ମଧ୍ୟ ଖରାପ ହୋଇଯାଇଥିବାରୁ ଏଠାରେ ଅନ୍ଧକାର ରହିଛି। ଅପର ପକ୍ଷରେ ଠିକାଦାର ଜଣକ ନିମ୍ନମାନର ଲାଇଟ୍ ଲଗାଇ ବିଲ୍ କରି ଅର୍ଥ ହରିଲୁଟ୍ କରିଥିବା ନେଇ ଅଭିଯୋଗ ହୋଇଛି। ଅପର ପକ୍ଷରେ ସାଲେପୁରର ପଡ଼ୋଶୀ ଅଞ୍ଚଳ କୁଳିଆ, କେନ୍ଦୁପାଟଣା, ନିଶ୍ଚିନ୍ତକୋଇଲି ସମେତ ବିଭିନ୍ନ ଅଞ୍ଚଳରେ ସରକାରୀ ଅର୍ଥରେ ଏହି ସବୁ ବଜାର ଆଲୋକୀକରଣ କରାଯାଇଥିବା ବେଳେ ଏବେ ମଧ୍ୟ ଏହି ଅଞ୍ଚଳରେ ଲାଇଟ୍ ଗୁଡିକ ପ୍ରାଞ୍ଜଳ ଭାବରେ ଜଳୁଛି। ଉଚ୍ଚକୋଟୀର ଷ୍ଟ୍ରିଟ୍ ଲାଇଟ୍ ବ୍ୟବହାର କରାଯାଇଥିବାରୁ ଲାଇଟ୍ ଗୁଡିକ ଅଦ୍ୟାବଧି ଜଳୁଥିବା ବେଳେ ସାଲେପୁର ଅଞ୍ଚଳରେ ଲାଗିଥିବା ଲାଇଟ୍ ଗୁଡିକ ନିମ୍ନମାନର ଯୋଗୁ ଜଳିବାର ୨/୩ବର୍ଷ ମଧ୍ୟରେ ଲାଇଟ୍ ଗୁଡିକ ଖରାପ ହୋଇଯାଇଥିବାରୁ ଲାଇଟ୍ ଗୁଡିକ ଜଳୁନାହିଁ। ସାଲେପୁର ବଜାରର ବିଭିନ୍ନ ସ୍ଥାନରେ ଦୀର୍ଘ ଦିନ ଧରି ଲାଇଟ୍ ଗୁଡିକ ଜଳୁ ନ ଥିବାବେଳେ ଏହାକୁ ମରାମତି କରାଯାଉ ନ ଥିବାରୁ ସାଲେପୁରର ମୁଖ୍ୟବଜାର ଠାରୁ ଆରମ୍ଭ କରି ମାଛୁଆଡି, କୁଆଁପାଳ ରୋଡ୍, ଡାକପୋଲ ରୋଡ୍, କଲେଜରୋଡ୍ ଆଦି ଅଞ୍ଚଳ ଅନ୍ଧକାରମୟ ରହିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ଦୀର୍ଘଦିନ ଧରି ଜଳୁ ନ ଥିବା ଲାଇଟ୍ ଗୁଡିକୁ ମରାମତି କରିବା ସହ ନିମ୍ନମାନର ଲାଇଟ୍ ଲଗାଇ ସରକାରୀ ଅର୍ଥ ଆତ୍ମସାତ୍ କରିଥିବା ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟବସାୟୀ ଓ ଜନସାଧାରଣ ଦାବି କରିଛନ୍ତି। ଏ ସଂପର୍କରେ ଆମ ପ୍ରତିନିଧି ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରୁ ଏହି ଘଟଣାର ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଖରାପ ଲାଇଟ୍‌କୁ ତୁରନ୍ତ ମରାମତି କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ବର୍ଦ୍ଧିତ ହାରରେ ୩୦,୧୬୬ ହିତାଧିକାରୀଙ୍କୁ ମିଳୁଛି ଭତ୍ତା

**ନିଶ୍ଚିନ୍ତକୋଇଲି,୨୧।୪(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଅଧିକାରୀଙ୍କ ପକ୍ଷରୁ ୪୧ଟି ପଞ୍ଚାୟତରେ ମୋଟ୍ ୩୦ ହଜାର ୧୬୬ ଜଣଙ୍କୁ ବର୍ଦ୍ଧିତ ହାରରେ ବିଭିନ୍ନ ପ୍ରକାର ଭତ୍ତା ପ୍ରଦାନ କରାଯାଉଛି। ପୂର୍ବରୁ ସାଧାରଣ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମମାନେ ମାସିକ ୫୦୦ ଟଙ୍କା ଭତ୍ତା ପାଉଥିବା ବେଳେ ୮୦ ବର୍ଷିଆ ବୃଦ୍ଧବୃଦ୍ଧା ଓ ୬୦%ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ମାସିକ ୭୦୦ଟଙ୍କା ଭତ୍ତା ପାଉଥିଲେ। ଗତ ଫେବୃୟାରୀରୁ ସରକାରଙ୍କ ପକ୍ଷରୁ ଏହାକୁ ୫୦୦ଟଙ୍କା ଲେଖାଏଁ ବଢାଇ ଦିଆଯାଇଛି। ଅଦ୍ୟାବଧି ସାଧାରଣ ହିତାଧିକାରୀ ୧ ହଜାର ଟଙ୍କା ଓ ୮୦ବର୍ଷିୟା ଓ ୬୦% ଶତକଡ଼ାରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗମାନେ ୧୨ଶହ ଟଙ୍କା ଲେଖାଏଁ ଭତ୍ତା ପାଉଥିବା ଜଣାଯାଇଛି। ଏହି ୩୦ହଜାର ୧୬୬ ଜଣ ହିତାଧିକାରୀଙ୍କ ମଧ୍ୟରୁ ଜାତୀୟ ସାମାଜିକ ସହାୟତା ଯୋଜନାରେ ୧୦ହଜାର ୩୨୯ ଜଣ ଭତ୍ତା ପାଉଥିଲା ବେଳେ ରାଜ୍ୟ ସରକାରଙ୍କ ମଧୁବାବୁ ଯୋଜନାରେ ୧୯ହଜାର ୮୩୭ ଜଣ ଭତ୍ତା ପାଉଥିବା ଜଣାପଡ଼ିଛି। ଏହାମଧ୍ୟରେ ୮ଶହରୁ ଉର୍ଦ୍ଧ୍ୱ ଅବିବାହିତ ଅନ୍ୟୂନ ୩୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା ୨୦୦ରୁ ଉର୍ଦ୍ଧ୍ୱ ସ୍ୱାମୀ ପରିତ୍ୟକ୍ତା ଅନ୍ୟୂନ ୧୮ ବର୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ମଧ୍ୟ ସମ୍ପୃକ୍ତ କରାଯାଇଛି। ଏହାଛଡ଼ା ୨୦୨୩-୨୪ ଆର୍ଥିକ ବର୍ଷରେ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ହଜାର ଟଙ୍କା ଲେଖାଏଁ ଶତାଧିକ ପରିବାରକୁ ମଧ୍ୟ ପ୍ରଦାନ କରାଯାଇଥିବା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ପାତ୍ର ପ୍ରକାଶ କରିଛନ୍ତି।

## ଜଳ ହିଁ ଜୀବନ କାର୍ଯ୍ୟକ୍ରମ

**ସାଲେପୁର,୨୧।୪(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସାଲେପୁର ଥାନା ଛକ ନିକଟରେ ମୁଖ୍ୟ ରାସ୍ତା କଡ଼ରେ ଜଳ ହିଁ ଜୀବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ପାଣିଗ୍ରାହୀ, ବାବୁଲା ଭୂୟାଁ, ବିଶ୍ୱଜିତ୍ ଭୂୟାଁ ଏବଂ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଯୋଗଦେଇ ପଥଚାରୀଙ୍କୁ ଜଳ ବଣ୍ଟନ କରିଥିଲେ। ଜଳ ହିଁ ଜୀବନ କାର୍ଯ୍ୟକ୍ରମ ଏଠାରେ ୧ମାସ ଧରି ଚାଲୁରହିବ ବୋଲି ଜଣାଯାଇଛି। ଏହା ୩୦ବର୍ଷ ଧରି ଏଠାରେ ଚାଲୁରହିଛି।

## ସଂକଟ ମୋଚନ ହନୁମାନ ଯଜ୍ଞର ପୂର୍ଣ୍ଣାହୁତି



**ନିଶ୍ଚିନ୍ତକୋଇଲି,୨୧।୪(ସମିସ):** ବୁହାଲୋ ପଞ୍ଚାୟତ ସୁନାଇଲୋଠାରେ ପବିତ୍ର ଶ୍ରୀରାମ ନବମୀଠାରୁ ଆରମ୍ଭ ହୋଇ ତିନିଦିନ ବ୍ୟାପୀ ଶ୍ରୀ ଶ୍ରୀସଂକଟ ମୋଚନ ହନୁମାନ ଯଜ୍ଞ ଶୁକ୍ରବାର ପୂର୍ଣ୍ଣାହୂତୀ ହୋଇଛି। ବ୍ରହ୍ମଚାରୀ ସନ୍ଥ ନିର୍ମଳ ଚରଣ ମିଶ୍ରଶର୍ମା (ବାଇଆ ବାବା)ଙ୍କ ତତ୍ତ୍ୱାବଧାନାରେ ଉକ୍ତ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଣ୍ଡିତ କରୁଣାକର ଶତପଥୀ, ପୂଜକ ଅଭିରାମ ଷଡ଼ଙ୍ଗୀଙ୍କ ଦ୍ୱାରା ଅଙ୍କୁରାରୋପଣ, ଜଳଯାତ୍ରା, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା ଓ ଶାନ୍ତିଯଜ୍ଞ କରାଯାଇଛି। ଏଥିରେ କର୍ତ୍ତା ଭାବେ ରମେଶ ଚନ୍ଦ୍ର ସାହୁ ଓ ତାଙ୍କ ଧର୍ମପତ୍ନୀ କାର୍ଯ୍ୟ ତୁଲାଇଥିଲେ। ପୂର୍ଣ୍ଣାହୁତିରେ ପଣ୍ଡିତ ପବିତ୍ର କୁମାର ମହାପାତ୍ର, ପ୍ରଫୁଲ୍ଲ ଶତପଥି, ବୀରେନ୍ଦ୍ର ପଣ୍ଡା, ମନୋରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଘୃତାହୂତୀ କରିଥିଲେ। ରବିନ୍ଦ୍ର ଜେନା, ଅଚ୍ୟୁତ ସାହୁ, କ୍ଷୀରୋଦ ସାହୁ, ଶୁକଦେବ ସାହୁ, ସାମ୍ବାଦିକ ଭବାନୀ ପ୍ରସାଦ ବାରିକ ପ୍ରମୁଖ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀ ରଘୁନାଥଜୀଉଙ୍କ ଖଡ଼ିଛୁଆଁ ଓ ବିଦ୍ୟାରମ୍ଭ



**ନିଶ୍ଚିନ୍ତକୋଇଲି,୨୧।୪(ସମିସ):** କେଣ୍ଟାଳ ପଞ୍ଚାୟତ ମଲୀପୁରସ୍ଥିତ ଅସୁରେଶ୍ୱରର ପ୍ରସିଦ୍ଧ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରାର ଦ୍ୱିତୀୟ ସଂଧ୍ୟାରେ ପ୍ରଭୁ ଶ୍ରୀରାମଚନ୍ଦ୍ର, ଭ୍ରାତା ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କର ଖଡିଛୁଆଁ ଓ ବିଦ୍ୟାରମ୍ଭ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାତ୍ରର ପ୍ରଥମ ପ୍ରହରରେ ମହାପ୍ରଭୁଙ୍କ ମାନବୀୟ ଲୀଳା ନିମନ୍ତେ ସିଂହାସନ ଛାଡି ଏକ ସୁସଜ୍ଜିତ ରୂପା ଖୋଦିତ ବିମାନରେ ଅଳଙ୍କାର ଆଭୂଷଣ ହୋଇ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ଯାତ୍ରା ମଣ୍ଡପରେ ବିଜେ ହୋଇଥିଲେ। ଏହାପରେ ସୁଆଙ୍ଗୀମାନେ ଚାରି ଭାଇଙ୍କ ବେଶରେ ଆସି ଅଭିନୟ କରିଥିଲେ। ଏହି ଅଭିନୟରେ ବଚନିକା ଭାବେ ବିଭୂତି ମହାରାଜ ରାମାୟଣର ବିଷୟବସ୍ତୁ ଉପରେ ବଚନିକା ବୋଲି ବିଦ୍ୟାରମ୍ଭ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ମ୍ୟାନେଜିଂ ଟ୍ରଷ୍ଟୀ ପ୍ରକାଶ ଚନ୍ଦ୍ର ସାହୁଙ୍କ ସମେତ ଯାତ୍ରା କମିଟିର ସଭ୍ୟମାନେ ପରିଚାଳନା କରିଥିଲେ।

## ଶିକ୍ଷକଙ୍କ ବିୟୋଗରେ ଶୋକସଭା



**ଚୌଦ୍ୱାର,୨୧।୪(ସମିସ):** ଆଗ୍ରାହାଟ ନୋଡାଲ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ବରିଷ୍ଠ ଶିକ୍ଷକ ତଥା ସଂସ୍କୃତ ପଣ୍ଡିତ ବନବିହାରୀ ରାଉତଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ସ୍ମୃତିରେ ଆୟୋଜିତ ଶୋକସଭାରେ ବିଶିଷ୍ଟ ନାଗରିକ, ଶିକ୍ଷାବିତ୍, ଛାତ୍ରଛାତ୍ରୀ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଇସ୍କନ୍ ସଂଗଠନର ବ୍ରହ୍ମଚାରୀ ଦୀନବତ୍ସଳ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅକ୍ଷୟ ସ୍ୱାଇଁ, ଶିଶିର ଶତପଥୀ, ସୁରେନ୍ଦ୍ର ଓଝା, କଳ୍ପତରୁ ପାଗଳ, କାଦମ୍ବିନୀ ପ୍ରଧାନ, ଚକ୍ରଧର ସାମଲ, ରମାନାଥ ଆଚାର୍ଯ୍ୟ ପ୍ରମୁଖ ସ୍ୱର୍ଗତ ରାଉତ ଜଣେ ଛାତ୍ରବତ୍ସଳ, ମିଷ୍ଟଭାଷୀ, ପରୋପକାରୀ ତଥା ସେବାପରାୟଣ ବ୍ୟକ୍ତି ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ରବୀନ୍ଦ୍ର ଦାସ, ଅନାମ ବେହେରା, ପୂରବୀ ମହାନ୍ତି, ହରିନାଥ ସାହୁ, ନିରଞ୍ଜନ ପରିଡ଼ା, ଚକ୍ରଧର ବେହେରାଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ତଥା ସ୍ଥାନୀୟ ନାଗରିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଆଦର୍ଶ କୃଷକଙ୍କ ସ୍ମୃତିସଭା

**ସାଲେପୁର,୨୧।୪(ସମିସ):** ବାଲିସାହି ଗ୍ରାମପଞ୍ଚାୟତର ସମାଜସେବୀ ତଥା ଆଦର୍ଶ କୃଷକ କାର୍ତ୍ତିକ ବେହେରାଙ୍କ ପ୍ରଥମ ବାର୍ଷିକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ବେହେରାଙ୍କ ବାସଭବନରେ ଆୟୋଜିତ ସ୍ମୃତି ସଭାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କବି ପ୍ରସନ୍ନ୍ ମିଶ୍ର, ଡା. ଅରୁଣ ପଟ୍ଟନାୟକ, ସାଲେପୁର ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ସରପଞ୍ଚ ପବିତ୍ର ସାମଲ, ସମିତିସଭ୍ୟା ଗୌତମୀ ମଲ୍ଲିକ, ଗୁଲରେଜ ଅଲ୍ଲୀ, ବିନୋଦ ସାମଲ, ମନୋଜ ସାମଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ବେହେରାଙ୍କ ପୁତ୍ରବଧୂ ତଥା ପୂର୍ବତନ ସରପଞ୍ଚ ସରସ୍ୱତୀ ବେହେରା, ପୁତ୍ର ଜୟରାମ ବେହେରା ଅତିଥି ଅଭ୍ୟର୍ଥନା କରିଥିଲେ।

## ଯୋଗେଶ୍ୱରୀଙ୍କ ହାଣ୍ଡିଭଙ୍ଗା ଯାତ୍ରା ପ୍ରସ୍ତୁତି ବୈଠକ

ତିଗିରିଆ,୨୧।୪(ସମିସ)



ଚଳିତ ମାସ ୨୧ରୁ ୨୩ ପର୍ଯ୍ୟନ୍ତ ଦୀର୍ଘ ୩ ଦିନ ଧରି ତିଗିରିଆ ବ୍ଲକ ଭିରୁଡା ପଞ୍ଚାୟତ ଅଧୀନ ଗୋଡିଝରିଆ ଗ୍ରାମର ଆରାଧ୍ୟ ଦେବୀ ମା ଯୋଗେଶ୍ୱରୀଙ୍କ ପବିତ୍ର ପୀଠରେ ଆୟୋଜିତ ହେବାକୁ ଥିବା ହାଣ୍ଡିଭଙ୍ଗା ଯାତ୍ରାକୁ ଶାନ୍ତିଶୃଙ୍ଖଳା ମଧ୍ୟରେ ସଂପାଦିତ କରିବା ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ମାଙ୍କ ଗୋଡିଝରିଆସ୍ଥିତ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପରିଚାଳନା କମିଟି ସଭାପତି ନିରଞ୍ଜନ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯାତ୍ରା ପରିଚାଳନା କମିଟି ସଂପାଦକ ଗଣେଷ ସାହୁ, କୋଷାଧ୍ୟକ୍ଷ ଜୟୀରାମ ସାହୁ, ସଦସ୍ୟ ଜିତେନ୍ଦ୍ର ସାହୁ, ଦୁଷ୍ମନ୍ତ ସାହୁ, ପିଙ୍କୁ ସାହୁ, ଭାବଗ୍ରାହୀ ସାହୁ, ବିକ୍ରମ ସାହୁ, ସନ୍ତୋଷ ସାହୁ, ଉଦୟନାଥ ସାହୁ, ଗୌରାଙ୍ଗ ସାହୁ, ମିଟୁ ସାହୁ, ପ୍ରଫୁଲ ବେହେରା ପ୍ରମୁଖ ଉପସ୍ଥିତ ରହି ମା'ଙ୍କର ଏହି ପବିତ୍ର ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନେଇ ବିଭିନ୍ନ ଆଲୋଚନା କରିଥିଲେ। ମା ଯୋଗେଶ୍ୱରୀଙ୍କ ଏହି ଯାତ୍ରା ପ୍ରତ୍ୟେକ ବର୍ଷ ଚୈତ୍ର ମାସ ତ୍ରୟୋଦଶୀ ଦିନ ଆରମ୍ଭ ହୋଇଥାଏ। ଏହି ଦିନ ମାଙ୍କ ପୀଠରେ ମାଟିହାଣ୍ଡିରେ ଖେଚୁଡି ରାନ୍ଧୀ ମା'ଙ୍କୁ ସମର୍ପଣ କରାଯିବା ସହ ଖେଚୁଡି ଭୋଗ ରନ୍ଧା ସରିଲା ପରେ ସେହି ସ୍ଥାନରେ ମାଟିହାଣ୍ଡିକୁ ଭାଙ୍ଗି ଦିଆଯାଇଥାଏ। ଏହା ଦ୍ୱାରା ବର୍ଷସାରା ଗ୍ରାମରେ କୌଣସି ବିପତ୍ତି ଦେଖାଯାଏ ନାହିଁ ବୋଲି ଅଞ୍ଚଳବାସୀଙ୍କ ବିଶ୍ୱାସ ରହିଛି ଓ ବହୁ ପୁରାତନ ସମୟରୁ ଏହି କଥାକୁ ସମ୍ମାନ ଜଣାଇ ମା'ଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥାଏ ବୋଲି ଜଣାପଡ଼ିଛି।

## ନତକାଇ ଓ ବଡ଼କ୍ଷୀର ପଞ୍ଚାୟତରେ ସମର୍ଥନ ସଭା

**ନିଶ୍ଚିନ୍ତକୋଇଲି,୨୧।୪(ସମିସ):** ମାହାଙ୍ଗା ବିଧାନସଭା କ୍ଷେତ୍ରରେ ଏଥର ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବାକୁ ଯାଉଥିବା ଶାରଦା ପ୍ରଧାନ (ବୁଲୁ) ପ୍ରତ୍ୟେକ ପଞ୍ଚାୟତରେ ସମର୍ଥନ ସଭା କରୁଛନ୍ତି। ମାହାଙ୍ଗା ଜନସାଧାରଣଙ୍କ ନିଷ୍ପତ୍ତି ଓ ଆମ ନିଷ୍ପତ୍ତି ବ୍ୟାନରରେ ଶନିବାର ନତକାଇ ପଞ୍ଚାୟତ ଓ ବଡ଼କ୍ଷୀର ପଞ୍ଚାୟତରେ ସମର୍ଥନ ସଭା କରିଛନ୍ତି। ବାଣୀନଗରସ୍ଥିତ କ୍ଷୀରୋଦ ମଣ୍ଡପଠାରେ ପଞ୍ଚାୟତ ସଭାପତି ମନୋଜ କୁମାର ବେହେରାଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଶ୍ରୀ ପ୍ରଧାନ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୨୪ନଂ ଜୋନ୍ ବିଜେପି ସଭାପତି ରଞ୍ଜନ ରାଉତ, ସଂଯୋଜକ ବିଶ୍ୱନାଥ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷା କମଳା ବସ୍ତିଆ, ଯୁବମୋର୍ଚ୍ଚାର ସଭାପତି ସନ୍ତୋଷ କାପ, ପଞ୍ଚାୟତ ସହ ପ୍ରମୁଖ ଲକ୍ଷ୍ମଣ ପାଣିଗ୍ରାହୀ, ମନୋଜ ପଣ୍ଡା, ହରିଶ୍ଚନ୍ଦ୍ର ବେହେରା, ପ୍ରଶାନ୍ତ ବସ୍ତିଆ, ମଞ୍ଜୁଲତା ବେହେରା ପ୍ରମୁଖ ଯୋଗଦେଇଥିଲେ। ସେହିପରି ବଡ଼କ୍ଷୀର ପଞ୍ଚାୟତ ଗୋପପୁର ଗ୍ରାମର ଭଗବତୀ ଠାକୁରାଣୀ ନିକଟରେ ସମର୍ଥନ ସଭା ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସଭାପତି ମିହିରିକେତନ ମହାପାତ୍ରଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ଶ୍ରୀ ପ୍ରଧାନ ଯୋଗଦେଇଥିଲେ। ସହ ପ୍ରମୁଖ ଜଗନ୍ନାଥ ବେହେରା, ବୁଥ୍ ସଭାପତି ଅନ୍ତକିଶୋର ମହାରଣା, ଅଭିରାମ ପରିଡ଼ା, ଶିଶିର ସ୍ୱାଇଁ, ନାରୀନେତ୍ରୀ ଶାନ୍ତିଲତା ସ୍ୱାଇଁ, ଯୁବନେତା ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ।



## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ତିଗିରିଆ,୨୧।୪(ସମିସ):** ତିଗିରିଆ ରାଜବାଟୀ ପଡିଆରେ ତିଗିରିଆ ନିଜିଗଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ବିକ୍ରମ କେଶରୀ ଦାଶଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଓଡିଶା ଶିକ୍ଷା ବିକାଶ ସଂସ୍ଥାର ସଭାପତି ଶରତ ଚନ୍ଦ୍ର ସାମନ୍ତ, ମୁଖ୍ୟବକ୍ତା ରୂପେ ଶିକ୍ଷାବିତ୍ ସୁବୋଧ ପଟ୍ଟନାୟକ, ସମ୍ମାନୀତ ଅତିଥି ରୂପେ ଓଡିଶା ଶିକ୍ଷା ବିକାଶ ସଂସ୍ଥାର ସମ୍ପାଦକ ପୁରନ୍ଦର ସାମନ୍ତରାୟ, ଶିକ୍ଷାବିତ ପ୍ରଣବ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି କୋଷାଧ୍ୟକ୍ଷ ବିମଳ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁବାସ ଦାଶ ଅତିଥି ପରିଚୟ ଓ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




## ଜ୍ୟୋତିର୍ବିଦ୍ ଦୋଳଗୋବିନ୍ଦ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

**ମାହାଙ୍ଗା,୨୧।୪(ସମିସ):** ଯାଦବ ଉନ୍ନୟନ ପରିଷଦ ମାହାଙ୍ଗା ଆନୁକୂଲ୍ୟରେ କୁହୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କଲ୍ୟାଣପୁରଠାରେ ସ୍ୱର୍ଗତ ଦୋଳଗୋବିନ୍ଦ ଦାସଙ୍କ ଏକାଦଶ କ୍ରିୟାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସଭାପତିତ୍ୱ କରିଥିଲେ କଟକ ଜିଲ୍ଲା ଯାଦବ ଉନ୍ନୟନ ପରିଷଦର ସଭାପତି ଡ. କାର୍ତ୍ତିକଚନ୍ଦ୍ର ପୃଷ୍ଟି। ପ୍ରାରମ୍ଭରେ ତାଙ୍କ ଆତ୍ମାର ସଦ୍‌ଗତି କାମନା ନିମନ୍ତେ ପ୍ରଭୁ ଶ୍ରୀକୃଷ୍ଣଙ୍କ ନିକଟରେ ଦୁଇ ମିନିଟର ନିରବ ପ୍ରାର୍ଥନା କରାଯାଇଥିଲା। କବି ଡମ୍ବରୁଧର ପରିଡା କବିତା ପାଠ କରିଥିଲା ବେଳେ କବି ଜୟଦେବ ମୁଦୁଲି ଭାଗବତ ପାଠ କରିଥିଲେ। ସାମ୍ବାଦିକ ଅଖିଳେଶ ମହାନ୍ତି, ଶିକ୍ଷାବିତ୍ ରସାନନ୍ଦ ବାରିକ, ଗୌରାଙ୍ଗ ଚରଣ ଦାସ, ରାମଚନ୍ଦ୍ର ପରିଡା, ଅନନ୍ତ କିଶୋର ପଲାଇ, ଦିଲ୍ଲୀପ କୁମାର ଦାସ, ସତ୍ୟାନନ୍ଦ ବେହେରା, ବଟକୃଷ୍ଣ ଦାସ, ଶିକ୍ଷାବିତ୍ ବାବାଜି ଚରଣ ମହାନ୍ତି, ହେମନ୍ତ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ବିରବର ସାମଲ ଓ ଯାଦବ ଉନ୍ନୟନ ପରିଷଦର ମୁଖ୍ୟ ଉପଦେଷ୍ଟା ରବିନ୍ଦ୍ରନାଥ ଦାସ, ରବି ଦାସ, କୃଷ୍ଣଚନ୍ଦ୍ର ଦାସ, ବିଜୟ ଦାସ, ବିଭୁତି ଭୁଷଣ ଦାସ, ସତ୍ୟାନନ୍ଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅକ୍ଷୟ ପଲାଇ ଧନ୍ୟବାଦ ଦେଇଥିଲେ।

# ସାଲେପୁର ମଇଦାନରେ ତ୍ରିମୁଖୀ ଲଢ଼େଇକୁ ଅପେକ୍ଷା

ସାଲେପୁର,୨୧।୪(ସମିସ)





ସାଧାରଣ ନିର୍ବାଚନ ଆଉ ମାତ୍ର ୧ ମାସରୁ ଉର୍ଦ୍ଧ୍ୱ ସମୟ ବାକି ଥିବାବେଳେ ବିଜେଡି ଓ କଂଗ୍ରେସ ଦଳ ନିଜର ବିଧାୟକ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଅଦ୍ୟାବଧି ବିଜେପି ତା'ର ବିଧାୟକ ପ୍ରାର୍ଥୀ ନାମ ପ୍ରକାଶ କରିନାହିଁ। ଏନେଇ ବିଜେପି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା ଟିକେଟ୍ ପାଇବା ପରେ ଘର ଘର ବୁଲି ନିଜର ସଂଗଠନକୁ ସୁଦୃଢ଼ କରିବା ସହ ନିଜର ପ୍ରଚାର ଜୋରଦାର ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ସେହିପରି କଂଗ୍ରେସ ମଧ୍ୟ ପଛରେ ପଡିନାହିଁ। କଂଗ୍ରେସ ଦଳ ପକ୍ଷରୁ ଇଂ ଆକ୍ୟୁବ୍ ଖାଁଙ୍କୁ ଦଳ ପ୍ରାର୍ଥୀ କରିଥିବାବେଳେ ଆକ୍ୟୁବ୍ ଖାଁ ହଠାତ୍ ସକ୍ରିୟ ହୋଇ ଉଠିଛନ୍ତି। ସାଲେପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ଗସ୍ତ କରି ପୁରୁଣା କଂଗ୍ରେସ କର୍ମୀଙ୍କୁ ଏକତ୍ରିତ କରିବା ସହ ବିଜେପି ସଂଗଠନ ଛାଡି ବିଜେଡିରେ ମିଶି ବାରବାଟୀ କଟକ ନିର୍ବାଚନ ମଣ୍ଡଳୀକୁ ଯାଇଥିବା ପ୍ରକାଶ ବେହେରା କର୍ମୀଙ୍କୁ ଏବେ ଫୋକସରେ ରଖି କଂଗ୍ରେସ ସଂଗଠନରେ ସାମିଲ କରିବା ପାଇଁ ଇଂ. ଆକ୍ୟୁବ୍ ଖାଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଥିଲାବେଳେ ସେଥି ମଧ୍ୟରୁ କେତେକାଂଶରେ ସଫଳ ହୋଇଥିବା ଦେଖିବାକୁ ମିଳିଛି। ଗତ ୨୦୧୯ ନିର୍ବାଚନରେ କଂଗ୍ରେସ ସାଲେପୁର ନିର୍ବାଚନ ମଣ୍ଡଳୀରୁ ମାତ୍ର ୫ହଜାରରୁ ଉର୍ଦ୍ଧ୍ୱର ଭୋଟ୍ ପାଇଥିବାବେଳେ ଗତ ପଞ୍ଚାୟତ ନିର୍ବାଚନ ସମୟରେ ଇଂ ଆକ୍ୟୁବ୍ ଖାଁ ସାଲେପୁର କଂଗ୍ରେସର ନେତୃତ୍ୱ ନେବା ପରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ସହ କଂଗ୍ରେସର ଭୋଟ ପରିମାଣ ୧୭ହଜାରରୁ ଉର୍ଦ୍ଧ୍ୱ ବଢ଼ାଇଥିଲେ। ଅପର ପକ୍ଷରେ ଗତ ୨୦୧୯ ନିର୍ବାଚନରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରାୟ ୩୧ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇ ବିଧାୟକ ଭାବେ ନିର୍ବାଚିତ ହୋଇ ସାଲେପୁର ନିର୍ବାଚନ ମଣ୍ଡଳୀ ପାଇଁ ନୂଆ ଇତିହାସ ସୃଷ୍ଟି କରିଛନ୍ତି ପ୍ରଶାନ୍ତ ବେହେରା। ନିର୍ମଳ ଭାବମୂର୍ତ୍ତି, ଦରଦୀ ବନ୍ଧୁ ଭାବେ ସବୁବେଳେ ଓ ସବୁ ସମୟରେ ଲୋକମାନଙ୍କ ନିକଟରେ ପହଞ୍ଚି, ସେମାନଙ୍କ ସୁଖଦୁଃଖରେ ସାଥୀ ହେବା ସହ ଲୋକମାନଙ୍କ ସମସ୍ୟାକୁ ସମାଧାନ କରିଥାନ୍ତି। ତେଣୁ ସେ ଏହାକୁ ଆଧାର କରି ଚଳିତ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ଅପର ପକ୍ଷରେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀମାନେ ନିଜ ନିଜର ପ୍ରଚାର ଆରମ୍ଭ କରିଥିବାବେଳେ ବିଜେପି କିନ୍ତୁ ସାଲେପୁର ନିର୍ବାଚନ ମଣ୍ଡଳୀରେ ବହୁ ପଛରେ ରହିଯାଇଛି। ଅଦ୍ୟାବଧି ବିଜେପି ନିଜର ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାରୁ ଏଠାରୁ କିଏ ପ୍ରାର୍ଥୀ ହେବେ ତାହା ସ୍ପଷ୍ଟ ଜଣାପଡିନାହିଁ। ଫଳରେ ବିଜେପି କର୍ମୀମାନେ ବିଧାୟକ ପ୍ରାର୍ଥୀକୁ ନେଇ ଏକ ପ୍ରକାର ଦ୍ୱନ୍ଦରେ ରହିଛନ୍ତି। ଅପରପକ୍ଷରେ କେନ୍ଦ୍ରାପଡ଼ା ଲୋକସଭା ଆସନ ପାଇଁ ଉଭୟ ଦଳ ନିଜ ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ କେନ୍ଦ୍ରାପଡ଼ା ଲୋକସଭା ଆସନ ପାଇଁ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେଉଛି। ଏଠାରୁ ବିଜେପି ପକ୍ଷରୁ ପୁନର୍ବାର ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପ୍ରାର୍ଥୀ ହୋଇଥିବାବେଳେ ବିଜେଡି କଂଗ୍ରେସ ଦଳ ଛାଡି ବିଜେଡିରେ ମିଶିଥିବା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କୁ ସାଂସଦ ପ୍ରାର୍ଥୀ ଭାବେ ମୈଦାନକୁ ଉତ୍ତୀର୍ଣ୍ଣ କରିଛି। ସେହିପରି କଂଗ୍ରେସ ଜଣେ ଯୁବ ଇଂଜିନିୟର ସିଦ୍ଧାର୍ଥ ସ୍ୱରୂପ ଦାଶଙ୍କୁ ଏଠାରୁ ପ୍ରାର୍ଥୀ କରିଛି। ତେଣୁ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଛି।

# ୨ ଜଣଙ୍କୁ ଉଠାଇ ଆଣିଲା ପୁଲିସ

● କଂଗ୍ରେସ ପକ୍ଷରୁ ପ୍ରତିବାଦ

ବାଙ୍କୀ, ୨୧।୪(ସମିସ): ଶନିବାର ରାତିରେ କଟକ ଜିଲ୍ଲା ବାଙ୍କୀ ଉପଖଣ୍ଡରେ ଥିବା ଉପଖଣ୍ଡ ପୁଲିସ ଅଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଆକ୍ରୋଶମୂଳକ ଭାବେ ପୁଲିସ ଦୁଇଜଣଙ୍କୁ ଉଠାଇ ନେଇଥିବା ଅଭିଯୋଗ କରି କଂଗ୍ରେସ ନେତୃବୃନ୍ଦ ହୋହାଲ୍ଲା କରିଥିଲେ। ଖବର ପାଇ କଟକ ଜିଲ୍ଲା ଆଡିସନାଲ୍ ଏସ୍‌ପି ଦେବଦତ୍ତ ବରାଳ, ଆଠଗଡ଼ ଏସଡିପିଓ ରବୀନ୍ଦ୍ର କୁମାର ମଲ୍ଲିକଙ୍କ ସହ ଅନ୍ୟ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉପସ୍ଥିତ କଂଗ୍ରେସକର୍ମୀଙ୍କୁ ବୁଝାସୁଝା କରିବା ସହ ଅଟକ ରଖିଥିବା ୨ ଜଣଙ୍କୁ ଛାଡ଼ିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଏକ ପୁରୁଣା ମାମଲାରେ ବୈଦେଶ୍ୱର ଥାନା ଅନ୍ତର୍ଗତ ନୂଆ ଗାଁ ଖଜୁରୀପଦା ଗ୍ରାମର ପ୍ରମୋଦ ବେହେରା ଏବଂ କୁନା ବେହେରାଙ୍କୁ ପୁଲିସ ଉଠାଇ ଆଣିଥିଲା। ପୁଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ କଂଗ୍ରେସ କର୍ମୀମାନେ ବିରୋଧ କରିଥିଲେ। ଖବର ପାଇ ବାଙ୍କୀର ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ କର୍ମୀଙ୍କ ସହ ପହଞ୍ଚି ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

■ ରାଜରାସ୍ତାରୁ ଉଚ୍ଛେଦ ହେଲା ହମ୍ପ୍ସ

# ମରାମତି ହେଲାନି ରାସ୍ତା



କଟକ, ୨୧।୪(ସମିସ): କନ୍ଦରପୁର-ପାରାଦୀପ ୧୨ନମ୍ବର ରାଜ୍ୟ ରାଜପଥର ପାରାବିଲ ଠାରେ ଥିବା ଟୋଲଗେଟକୁ ରାଜ୍ୟ ସରକାର ଗତବର୍ଷ ସେପ୍ଟେମ୍ବର ମାସରୁ ଉଚ୍ଛେଦ କରିଥିଲେ। ଟୋଲ ଆଦାୟ ଗୃହ, ସୂଚନା ଫଳକ, ଏପରିକି ସୌର ଚାଳିତ ଉଜ୍ୱଳ ଆଲୋକ ଗୁଡ଼ିକୁ ମଧ୍ୟ ଉଠାଇ ଦେଇଥିଲେ। କିନ୍ତୁ ସେଠାରେ ଥିବା ହମ୍ପସକୁ ଉଠାଇ ନ ଥିଲେ। ଯାହାଫଳରେ ଅନ୍ଧାର ଓ ଶୁନଶାନ୍ ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଥିଲା। ଏପରିକି ବହୁ ସମୟରେ ଦୁର୍ଘଟଣା ଘଟୁଥିଲା। ହମ୍ପସ ଉଚ୍ଛେଦ ପାଇଁ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଶେଷରେ ପୂର୍ତ୍ତ ବିଭାଗର ଚେତା ପଶିଛି। ଗତକାଲି ରାତିରେ ଉକ୍ତ ରାସ୍ତାରେ ଥିବା ହମ୍ପସକୁ ମେସିନ ସାହାଯ୍ୟରେ ଉଚ୍ଛେଦ କରାଯାଇଛି। ଟୋଲଗେଟ ଥିବା ସ୍ଥାନର ଉଭୟ ପାର୍ଶ୍ୱରେ ଥିବା ବହୁ ଥାକିଆ ଓ ଦୁଇ ଥାକିଆ ହମ୍ପସ ଉଚ୍ଛେଦ ହେବା ପରେ ମଧ୍ୟ ରାସ୍ତାକୁ ମରାମତି କରାଯାଇ ନାହିଁ। ତୁରନ୍ତ ରାଜରାସ୍ତାରେ ଖାଲଖମା ଥିବା ସ୍ଥାନକୁ ମରାମତି କରାଯିବାକୁ ଦାବି ହେଉଛି।

# ବିଜେଡିରେ ମିଶିଲେ ବହୁ ବିଜେପି ଓ କଂଗ୍ରେସ କର୍ମୀ



ନିଶ୍ଚିନ୍ତକୋଇଲି, ୨୧।୪(ସମିସ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଫଗୋଳ ଓ ଜୟରାମପୁର ପଞ୍ଚାୟତର ବହୁ ସଂଖ୍ୟାରେ ବିଜେପି ଓ କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ନିଶ୍ଚିନ୍ତକୋଇଲି ତହସିଲ ଛକ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ଫଗୋଳ ପଞ୍ଚାୟତର ବହୁ ମୁସଲମାନ ଭାଇ ସେକ୍ ଇନ୍ତିୟାତ୍, ସେକ୍ ମୁନସବ୍, ମୀର ଫୟାଜ, ମୀର ଜମିଲି, ମୀର ମୁମତାଜ୍, ମୀର ଆଲାମ୍, ମୁକ୍ତାର ଖାଁ, ମୀର ଜଲାଲ, ସେକ୍ ଜାକିର, ସେକ୍ ବଶୋ, ସେକ୍ ରାହିଲ, ମୀର ହୀରା, ସେକ୍ ଭୁଟୁ, ସେକ୍ ସାଜନ, ସାହିଲ, କମିଲ, ଫାରକ ଉଦ୍ଦିନ୍, ସେକ୍ ଫୁରକାନ୍, ବିଷ୍ଣୁଚରଣ ମଲିକଙ୍କ ସମେତ ବହୁ ବ୍ୟକ୍ତି ବିଜେଡିରେ ସାମିଲ ହୋଇଛନ୍ତି। ଏହାଛଡ଼ା ଜୟରାମପୁର ପଞ୍ଚାୟତର ଆଶିଷ ନାୟକ, ୱାର୍ଡସଭ୍ୟ ଦିଲନ ସାହୁ, ଅଜୟ ସାମଲ, କାହ୍ନୁ ସାମଲ, ୱାର୍ଡ ସଭ୍ୟ ବୁକା ସାମଲ, କୈଳାସ ବେହେରା, ସୁନାକର ବେହେରା, କାଳିନ୍ଦୀ ବେହେରା, ମହେନ୍ଦ୍ର ସେଠୀ, ରାଜକିଶୋର ବେହେରା, ଅର୍ପଣ ଦାସ, ତ୍ରିଲୋଚନ ଦାସ, ମାନିନୀ ଦାସ, ଶକୁନ୍ତଳା ଦାସ, ଲକ୍ଷ୍ମୀପ୍ରିୟା ଦାସ, କବିତା ବେହେରା, କଲ୍ୟାଣୀ ସେଠୀ, ଡଲି ବେହେରା, ସୁମୋନିଲ ବେହେରା, ରେଣୁକା ବେହେରା, ମୀନାକ୍ଷୀ ବେହେରା, ମାମାଲି ମଲିକ, ସେକ୍ ଅବଦୁଲ ରସିଦ୍ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ କ୍ଷେତ୍ରରେ ପ୍ରଗତି ପାଇଁ କରିଥିବା ଯୋଜନାକୁ ମାହାଙ୍ଗା ବିଧାୟକ ପ୍ରତାପ ଜେନା ସଫଳ ରୂପାୟନ ଦେଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ବିକାଶ କ୍ଷେତ୍ରରେ ବିଧାୟକ ଶ୍ରୀ ଜେନା ବିଭିନ୍ନ କାର୍ଯ୍ୟ କରିଥିବାରୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଫଗୋଳ ଓ ଜୟରାମପୁର ପଞ୍ଚାୟତର ବହୁ ବିଜେପି ଓ କଂଗ୍ରେସ କର୍ମୀ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେଡି ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା, ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ସମେତ ପଞ୍ଚାୟତର ବିଜେଡି ନେତୃବୃନ୍ଦ ଉପସ୍ଥିତ ଥିଲେ।

# ବାଙ୍କୀ ବିଜେପିରେ ବଢ଼ୁଛି ଫାଟ

## ■ ଅରାଚଣ୍ଡୀ ପୀଠରେ ଉପେକ୍ଷିତ ବିଜେପି ନେତାଙ୍କ ବୈଠକ

ବାଙ୍କୀ, ୨୧।୪(ସମିସ)



ବାଙ୍କୀ ବିଜେପି ବିଧାୟକ ପ୍ରାର୍ଥୀ ଭାବରେ ତୁଷାରକାନ୍ତ ଚକ୍ରବର୍ତ୍ତୀ ଦଳ ହାଇକମାଣ୍ଡଙ୍କ ଦ୍ୱାରା ମନୋନୀତ ହେବା ପରେ ବାଙ୍କୀ ଉପଖଣ୍ଡର ବରିଷ୍ଠ ବିଜେପି ନେତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯିବା ସହିତ ତୁରନ୍ତ ତାଙ୍କର ପ୍ରାର୍ଥୀତ୍ୱକୁ ବଦଳାଇବା ନିମନ୍ତେ ଦାବି କରାଯାଇଛି। ଏ ସମ୍ପର୍କରେ ଆଜି ଡମପଡ଼ା ବ୍ଲକ ଅରାଚଣ୍ଡୀ ପୀଠରେ ବରିଷ୍ଠ ବିଜେପି ନେତା ସୁବଳ ବେହେରାଙ୍କ ଅଧ୍ୟକ୍ଷତାରେ ବିଜେପି ଜୋନ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ଓ ବରିଷ୍ଠ ବିଜେପି ନେତାଙ୍କର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚଳିତ ସାଧାରଣ ନିର୍ବାଚନରେ ବିଜେପି ବାଙ୍କୀ ବିଧାନସଭା ପ୍ରାର୍ଥୀ ଚୟନରେ ବ୍ୟାପକ ଚଞ୍ଚକତା କରାଯାଇଥିବା ବିଷୟ ତୃଣମୂଳସ୍ତରରେ କାର୍ଯ୍ୟକର୍ତ୍ତାମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ନିର୍ବାଚନ ପାଖେଇ ଆସୁଥିବା ବେଳେ ବାଙ୍କୀ ବିଜେପିର ଦ୍ୱନ୍ଦ୍ୱ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ତୃଣମୂଳସ୍ତରରେ ଦୀର୍ଘ ଦିନ ଧରି ବାଙ୍କୀ ବିଜେପିକୁ ସଶକ୍ତ କରିଥିବା ୩ ନେତା ପୂର୍ବତନ ବିଧାୟକ ପ୍ରାର୍ଥୀ ସୁବଳ ବେହେରା, ଅଜୟ କୁମାର ସ୍ୱାଇଁ, ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କୁ ବିଜେପି ହାଇକମାଣ୍ଡ ଅଣଦେଖା କରିବାରୁ ଦଳରେ ବିଦ୍ରୋହର ନିଆଁ ଜଳିବାରେ ଲାଗିଛି। ଅପର ପକ୍ଷରେ ବାଙ୍କୀ ଉପଖଣ୍ଡ ବାହାରୁ ନୂଆ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ପ୍ରାର୍ଥୀତ୍ୱକୁ ବାଙ୍କୀ ବିଜେପି କର୍ମକର୍ତ୍ତା ଓ ଦଳର ହିତାକାଂକ୍ଷୀମାନେ ଗ୍ରହଣ କରିପାରୁ ନାହାଁନ୍ତି। ଟିକେଟ ଘୋଷଣା ପରଠାରୁ ରାଜ୍ୟ ନେତୃବୃନ୍ଦଙ୍କୁ ଅବଗତ କରାଇ ଟିକେଟ ପରିବର୍ତ୍ତନ ପାଇଁ ୩ ବିଧାୟକ ପ୍ରାର୍ଥୀଙ୍କ ସମେତ ଅନେକ ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ଓ ମଣ୍ଡଳ ସଭାପତିମାନେ ଜିଦ୍‌ରେ ଅଡ଼ି ବସିଛନ୍ତି। ବାଙ୍କୀ ବିଜେପି ଟିକେଟ୍ ପରିବର୍ତ୍ତନ ନ ହେଲେ ଆଗାମୀ ଦିନରେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହେବ ବୋଲି ଦଳୀୟ କର୍ମକର୍ତ୍ତାମାନେ ଖୋଲାଖୋଲି ଚେତାବନୀ ଦେଇଛନ୍ତି। ଏଥିପାଇଁ ରାଜ୍ୟ ବିଜେପି ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ତୁରନ୍ତ ଆବଶ୍ୟକ ବୋଲି ଦାବି କରାଯାଇଛି। ଏପରିକି ନୂଆ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ 'ବାହାଘର ବେଳେ ବାଇଗଣ ରୁଆ' ନ୍ୟାୟରେ କର୍ମୀଙ୍କୁ ସାଉଁଟିବାରେ ଲାଗିଛନ୍ତି। ଗୋଟିଏ ପଟେ ବିଜେପିର ସଂଗଠନ, ପଦପଦବୀ, ବରିଷ୍ଠ ନେତୃମଣ୍ଡଳୀ ପ୍ରାର୍ଥୀଙ୍କର ଦାୟିତ୍ୱହୀନତାକୁ ହୃଦୟଙ୍ଗମ କରି ବାଙ୍କୀ ବିଜେପିରେ ଅସନ୍ତୋଷ ଦେଖିବାକୁ ମିଳିଛି। ଅପରପକ୍ଷରେ ବିଜେପି ପ୍ରାର୍ଥୀ ଶ୍ରୀ ଚକ୍ରବର୍ତ୍ତୀଙ୍କ ନୈରାଶ୍ୟଜନକ ସ୍ଥିତି ସଂଗଠନକୁ ଆହୁରି ଦୁର୍ବଳ କରିବ ବୋଲି ବୈଠକରେ ବରିଷ୍ଠ କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିଛନ୍ତି।

# ଅସୁସ୍ଥ ପରିବାରର ଚିକିତ୍ସା ବୁଝିଲେ ଅଙ୍କିତ ପ୍ରତାପ



ମାହାଙ୍ଗା, ୨୧।୪(ସମିସ): ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଅଙ୍କିତ୍ ପ୍ରତାପ ଜେନା ନିର୍ବାଚନ ପ୍ରଚାରକୁ ପଛରେ ପକାଇ ଲୋକଙ୍କ ସ୍ୱାସ୍ଥ୍ୟ, ସେବା ଉପରେ ଦେଇଛନ୍ତି ଗୁରୁତ୍ୱ। ଏକ ପରିବାରର ୮ରୁ ଊର୍ଦ୍ଧ୍ୱ ଝାଡାବାନ୍ତି ଆକ୍ରାନ୍ତଙ୍କୁ ତୁରୁନ୍ତ ସ୍ୱସ୍ଥ୍ୟକେନ୍ଦ୍ରକୁ ପଠାଇବାର ବ୍ୟବସ୍ଥା କରି ପ୍ରଶଂସା ସାଉଁଟିଛନ୍ତି ପ୍ରାର୍ଥୀ ଅଙ୍କିତ। ପ୍ରକାଶ ଯେ, ମାହାଙ୍ଗା ନିର୍ବାଚନ ମଣ୍ଡଳୀ ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଉଦା ଗ୍ରାମରେ ପ୍ରଚାର କରୁଥିବା ସମୟରେ ଅଶୋକ କୁମାର ଦେହୁରୀଙ୍କ ପରିବାରର ୮ ରୁ ଊର୍ଦ୍ଧ୍ୱ ବ୍ୟକ୍ତି ତିନି ଦିନ ହେବ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କର କୌଣସି କାରଣବଶତଃ ମୃତ୍ୟୁ ଘଟିଥିବା ଖବର ପାଇଥିଲେ। ଏହି ପରିବାର ଲୋକ ଆକ୍ରାନ୍ତ ହେବାର ତିନି ଦିନ ବିତିଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନ ଯାଇ ଘରୋଇ ଚିକିତ୍ସା ହେଉଥିଲେ। ଏହି ଖବର ପାଇ ବିଧାୟକ ପ୍ରାର୍ଥୀ ତୁରନ୍ତ ସେଠାରେ ପହଞ୍ଚି ପରିବାରକୁ ସମବେଦନା ଜଣାଇବା ସହ ଆମ୍ବୁଲାନ୍ସ ଡକାଇ ସେମାନଙ୍କୁ ବୁଝାସୁଝା କରି ମାହାଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଚିକିତ୍ସାର ବ୍ୟବସ୍ଥା କରାଇଥିଲେ। ଚିକିତ୍ସା ପରେ ସେମାନେ ସୁସ୍ଥ ହୋଇଥିବା ବେଳେ ବିଧାୟକ ପ୍ରାର୍ଥୀଙ୍କ ଏଭଳି ମାନବିକତା କାର୍ଯ୍ୟ ପାଇଁ ଆକ୍ରାନ୍ତ ପରିବାର ଓ ସ୍ଥାନୀୟ ଲୋକେ ଧନ୍ୟବାଦ ଜଣାଇଥିଲେ। ଏହି ଆକ୍ରାନ୍ତ ଗ୍ରାମରେ ଡାଇରିଆ ନିରାକରଣ ନିମନ୍ତେ ଡାକ୍ତରଙ୍କ ପରାମର୍ଶ କରି ସେଠାକୁ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କୁ ପଠାଇ ବିଶୋଧନ କରିବା ସହ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ସଚେତନ କାର୍ଯ୍ୟକ୍ରମ କରାଇଥିଲେ।

# ଶହେ ଟଙ୍କା ପାଇଁ ସ୍ତ୍ରୀ ଓ ପୁଅକୁ ହାଣିଲା ବାପା



ମାହାଙ୍ଗା, ୨୧।୪(ସମିସ): ମାତ୍ର ଶହେ ଟଙ୍କା ପାଇଁ ବାପା ସାନ ପୁଅ ଓ ସ୍ତ୍ରୀକୁ କଟୁରିରେ ହାଣି ଗୁରୁତର କରିଥିବା ଜଣାଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ଥାନା ଲଳିତଗିରି ଗ୍ରାମରେ। ଏହି ଗ୍ରାମର ମାନସ ବେହେରା ତାଙ୍କ ସାନ ପୁଅ ଅଜିତ ଓ ପତ୍ନୀକୁ ମରଣାନ୍ତକ ଆକ୍ରମଣ କରିବା ଫଳରେ ଗୁରୁତର ଅବସ୍ଥାରେ ସେମାନଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଆଜି ସକାଳେ ମାଛ କିଣିବା ପାଇଁ ଶହେ ଟଙ୍କା ଘର ଲୋକ ଖୋଜିଥିଲେ। ହେଲେ ଉକ୍ତ ଟଙ୍କା ପାଇ ନ ଥିଲେ। ଏନେଇ ଘର ଲୋକ ମାନସକୁ ଟଙ୍କା କୁଆଡେ ଗଲା ବୋଲି ପଚାରିଥିଲେ। ସେ କିନ୍ତୁ ମାନି ନ ଥିଲା। ଓଲଟି ପୁଅ ଅଜିତ୍ ନେଇଥିବ ବୋଲି କହି ମାନସ ମଦ୍ୟପାନ କରି ନିକଟରେ ଅଜିତ୍ କାମ କରୁଥିବା ସ୍ଥଳକୁ ଯାଇ ତୁ ଟଙ୍କା ନେଇଛୁ ବୋଲି କହି ଗାଳିଗୁଲଜ କରିଥିଲେ। ସେଠାରେ ବାପ ପୁଅଙ୍କର ପାଟିତୁଣ୍ଡ ହୋଇଥିଲା। ଅଜିତ୍ କାମରୁ ଆସି ମଧ୍ୟାହ୍ନରେ ଘରେ ଖାଇ ନିଜ କୋଠରୀରେ ଶୋଇଥିବା ବେଳେ ବାପା ମାନସ ପ୍ରବଳ ମଦ୍ୟପାନ କରି ଏକ କଟୁରୀରେ ତାର ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ଚୋଟ ପକାଇଥିଲା। ସାନ ପୁଅର ପାଟି ଶୁଣି ସ୍ତ୍ରୀ ପାର୍ବତୀ ପହଞ୍ଚି ଅଟକାଇବାକୁ ଚେଷ୍ଟା କରିବାରୁ ଅଭିଯୁକ୍ତ ମାନସ ସ୍ତ୍ରୀ ପାର୍ବତୀଙ୍କୁ ମଧ୍ୟ ହାଣି ପକାଇଥିଲା। ପାଟି ଶୁଣି ସାହି ପଡ଼ିଶା ଲୋକେ ସେଠାରେ ପହଞ୍ଚି ମାନସକୁ କାବୁ କରି ବାନ୍ଧି ପକାଇଥିଲେ। ପରେ ଆମ୍ବୁଲାନ୍ସ ସହାୟତାରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ପୁତ୍ର ଅଜିତକୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଆକ୍ରମଣରେ ଅଭିଯୁକ୍ତ ମାନସର ବାମ ହାତର ଏକ ଆଙ୍ଗୁଠିର ଅଧା ଅଂଶ ମଧ୍ୟ କଟିଯାଇଥିବା ଜଣାପଡ଼ିଛି। ଖବର ପାଇ ମାହାଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାନସକୁ ଗିରଫ କରି ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇବା ସହ କଟୁରିକୁ ଘର ନିକଟରୁ ଜବତ୍ କରିଛି। ଏନେଇ ଅଜିତଙ୍କ ମା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏଠାରେ ସୂଚନା ଥାଉକି ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ ମାନସ ଏହା ପୂର୍ବରୁ ମଧ୍ୟ ବହୁବାର ପରିବାର ଲୋକଙ୍କୁ ଗାଳିଗୁଲଜ ଓ ମାରଧର କରିବା ପାଇଁ ପଛାଇ ନ ଥାଏ। ଏଭଳି କାର୍ଯ୍ୟକୁ କୌଣସି ବ୍ୟକ୍ତି ପ୍ରତିବାଦ କରେ ତେବେ ପରବର୍ତ୍ତୀ ସମୟରେ ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିବା ପାଇଁ ମଧ୍ୟ ପଛାଇ ନ ଥାନ୍ତି। ମାନସର ଏଭଳି ଘଟଣା ଘଟାଉଥିବାରୁ ତାଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

# ଚୌଦ୍ୱାରରେ ବିଜେଡିର ନିର୍ବାଚନୀ ସମାବେଶ



ଚୌଦ୍ୱାର, ୨୧।୪(ସମିସ): ବିଜୁ ଜନତା ଦଳ ତରଫରୁ ଚୌଦ୍ୱାରରେ ଏକ ବିଶାଳ ଜନ ସମାବେଶ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଚୌଦ୍ୱାର ପୌରପାଳିକା ୯ ନଂ ୱାର୍ଡ଼ କପାଳେଶ୍ୱର ପଡ଼ିଆରେ ଆୟୋଜିତ ଏହି ନିର୍ବାଚନୀ ସଭାରେ ପୌରପାଳିକାର ୧୯ଟି ୱାର୍ଡ଼ ଏବଂ ଗ୍ରାମାଞ୍ଚଳ ୫ଟି ପଞ୍ଚାୟତ ପକ୍ଷରୁ ବିଜେଡି କଟକ ସାଂସଦ ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ଏବଂ ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶକୁ ସମ୍ମାନ ଜଣାଇବା ସହିତ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଦିଗରେ ତାଙ୍କର ନିଷ୍ଠାପର କାର୍ଯ୍ୟଧାରାକୁ ଆହୁରି ଆଗକୁ ନେବାପାଇଁ ବିଜେଡ଼ି ଦଳର ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ବିଜୟୀ କରିବାକୁ ସାଂସଦ ପ୍ରାର୍ଥୀ ଡ. ମିଶ୍ର ଉପସ୍ଥିତ ଜନତାଙ୍କୁ ନିବେଦନ କରିଥିଲେ। ଚୌଦ୍ୱାରରେ ଓଟିଏମ୍ ଭିତ୍ତିଭୂମି ଉପରେ ୱେଲସ୍ପନ୍ କାରଖାନା ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇ ସାରିଥିବା ଏବଂ ସହରାଞ୍ଚଳରେ ପାନୀୟଜଳ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ ଓ ଅନ୍ୟାନ୍ୟ କାର୍ଯ୍ୟ ସୂଚାରୁ ରୂପେ ସମ୍ପନ୍ନ କରାଯାଇଥିବା ସୂଚନା ଦେଇ ମୁଖ୍ୟମନ୍ତ୍ରୀଙ୍କ ଆର୍ଶିବାଦରେ ବାକି ରହିଯାଇଥିବା କାର୍ଯ୍ୟ ଖୁବ୍ ଶୀଘ୍ର ସମ୍ପନ୍ନ କରାଯିବ ବୋଲି ବିଧାୟକ ପ୍ରାର୍ଥୀ ଶ୍ରୀ ବିଶ୍ୱାଳ ପ୍ରତିଶ୍ରୁତି ଦେଇ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ନିବେଦନ କରିଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଯୁବ ସଂଗଠକ ଶୋଭେନ ମହାନ୍ତି, ଟାଙ୍ଗୀ ଚୌଦ୍ୱାର ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲ୍ଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ ପ୍ରମୁଖ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୌରପାଳିକାର ସମସ୍ତ କାଉନସିଲର, ସରପଞ୍ଚ, ସମିତି ସଭ୍ୟସଭ୍ୟା, ୱାର୍ଡମେମ୍ବର, ଯୁବ ଓ ଛାତ୍ର ନେତା, ଦଳୀୟ ନେତା ଓ କର୍ମୀ, ଅଞ୍ଚଳର ବହୁ ମୁରବୀ, ମହିଳା, ଛାତ୍ର, ବୁଦ୍ଧିଜୀବୀ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗଦେଇ ଉଭୟ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ପକ୍ଷରୁ ମିଶ୍ରଣ ପର୍ବ



ବାଙ୍କୀ, ୨୧।୪(ସମିସ): ବାଙ୍କୀ ନିର୍ବାଚନ ମଣ୍ଡଳୀ ବାରଙ୍ଗ ବ୍ଲକ ଦାଢ଼ାପାଟଣା ଠାରେ ବାଙ୍କୀ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ପ୍ରଭାତ କୁମାର ତ୍ରିପାଠୀ ଏହି ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ମିଶ୍ରଣ ପର୍ବରେ ବାରଙ୍ଗ ବ୍ଲକ ଦାଢ଼ାପାଟଣା ଗ୍ରାମ ପଞ୍ଚାୟତର ବିଜେପି ଦଳର ରବୀନ୍ଦ୍ର ମହାପାତ୍ର, ଅରୁଣ ସାହୁ, ସରୋଜ ମହାରଣା, ବିଶ୍ୱନାଥ ବେଉରା, ମନୋଜ ନାୟକ, ସୂର୍ଯ୍ୟକାନ୍ତ ନାୟକ, ସୁମନ ବେହେରା, ମିକି ପ୍ରଧାନ, ସୌମ୍ୟରଞ୍ଜନ ନାୟକ, ରାକେଶ ନାୟକଙ୍କ ସମେତ ଶତାଧିକ ବିଜେପି କର୍ମୀ ଆଜି ବିଜେଡି ଦଳରେ ଯୋଗଦାନ କରିଛନ୍ତି। ସମସ୍ତଙ୍କୁ ପୂର୍ବତନ ବିଧାୟକ ଶ୍ରୀ ତ୍ରିପାଠୀ ଓ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ବିଜେଡି ଦଳର ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

ସେହିପରି ବାଙ୍କୀ ବ୍ଲକ ବ୍ରହ୍ମପୁରା ଗ୍ରାମପଞ୍ଚାୟତର ଶତାଧିକ ମହିଳା ବିଜେଡି ଦଳରେ ଯୋଗଦାନ କରିଛନ୍ତି। ବ୍ରହ୍ମପୁରା ପଞ୍ଚାୟତର ବିଜେଡି ସଭାପତି ରଘୁନାଥ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ବିଜେଡି ଦଳକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ବିଜେଡି ଦଳର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଯୋଗଦାନ କରିଥିବା ମହିଳାଙ୍କୁ ସ୍ୱାଗତ କରିଥିଲେ। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ବିଜେଡି ଦଳରେ ଯୋଗଦାନ କରିଥିବା ମହିଳାଙ୍କୁ ସ୍ୱାଗତ କରିବା ସହିତ ଉତ୍ତରୀୟ ପ୍ରଦାନ କରି ବିଜେଡି ଦଳରେ ସାମିଲ କରିଥିଲେ।

ଶୁଣିଲାନି ପ୍ରଶାସନ

# ଅର୍ଥ ଆଦାୟ କରି ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

ସାଲେପୁର, ୨୧।୪(ସମିସ)



ରାଜନେତା ଠାରୁ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ସମସ୍ତଙ୍କ ନିକଟରେ ଗୁହାରି କରି ଶେଷରେ ନିରାଶ ହେବାପରେ ଗ୍ରାମବାସୀମାନେ ନିଜେ ଚାନ୍ଦା ଆଦାୟ କରି ଗ୍ରାମ ରାସ୍ତା ନିର୍ମାଣ କରିବା ଘଟଣା ସାଲେପୁର ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ ମିର୍ଜାପୁର ପଞ୍ଚାୟତର ୧ନଂ ୱାର୍ଡରେ ଥିବା ଗ୍ରାମ୍ୟରାସ୍ତା ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଏହି ରାସ୍ତା ଉପରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ପରିବାର ନିର୍ଭର କରିଥାନ୍ତି। ଏପରିକି ଏହି ରାସ୍ତା ଦେଇ ଏକ ଉପ ଡାକଘର ମଧ୍ୟ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରାସ୍ତା ଦେଇ ଏକ ବିରାଟ ମେଳଣ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥାଏ। କିନ୍ତୁ ଦୁଃଖର ବିଷୟ ଏହି ରାସ୍ତାରେ ପ୍ରଶାସନ କି ରାଜନେତାଙ୍କ ଇଚ୍ଛାଶକ୍ତି ଅଭାବରୁ ଅଦ୍ୟାବଧି ମାଟି ମୁଠିଏ ପଡ଼ିଲାନାହିଁ। ବର୍ଷାଦିନେ ଏହି ରାସ୍ତା ଉପରେ ଆଣ୍ଠୁଏ ଲେଖାଁ ପାଣି ଜମି ରହିଥାଏ। ଏହି ୱାର୍ଡର ଗ୍ରାମବାସୀମାନଙ୍କ ଠାରୁ ଆରମ୍ଭ କରି ଛୋଟ ପିଲାମାନେ ଏହି ପାଣିରେ ପଶି ଯାତାୟତ କରିଥାନ୍ତି। ଏପରିକି ପିଲାମାନେ ଆଣ୍ଠୁଏ ଲେଖା ପାଣିରେ ପଶି ସ୍କୁଲକୁ ଯାଇଥାନ୍ତି। ଏହି ସମସ୍ୟା ନେଇ ସ୍ଥାନୀୟ ଗ୍ରାମବାସୀ ସାଲେପୁର ବିଧାୟକଙ୍କ ଠାରୁ ଆରମ୍ଭ କରି ସରପଞ୍ଚ ଓ ପ୍ରଶାସନକୁ ମଧ୍ୟ ବାରମ୍ବାର ଅବଗତ କରିଥିଲେ ମଧ୍ୟ ଅଦ୍ୟାବଧି କେହି ଏ ଦିଗରେ ଦୃଷ୍ଟି ନ ଦେବାରୁ ଶେଷରେ ଗ୍ରାମର ମହିଳା ପୁରୁଷମାନେ ଏକତ୍ରିତ ହୋଇ ଚାନ୍ଦା ଆଦାୟ କରି ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିଜେ ହାତକୁ ନେଇ ନିଜେ ତିଆରି କରିଛନ୍ତି। ଚାନ୍ଦା ଆଦାୟ କରି ଗୋଡ଼ି ମାଟି ଆଦି କ୍ରୟ କରି ଗ୍ରାମବାସୀ ଏହି ରାସ୍ତା ନିର୍ମାଣ କାର୍ଯ୍ୟ କରିଛନ୍ତି। ସାଲେପୁର ବ୍ଲକଠାରୁ ମାତ୍ର ୮ କିମି ମଧ୍ୟରେ ଯଦି ରାସ୍ତାର ଅବସ୍ଥା ଏପରି ହୁଏ, ତେବେ ସାଲେପୁର ବିଭିନ୍ନ ପଞ୍ଚାୟତରେ କେତେ ବିକାଶ ହୋଇଛି, ତାହା ସାଧାରଣରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ ଯଦି ପ୍ରଶାସନ ପକ୍ଷରୁ ଏହି ରାସ୍ତା କାର୍ଯ୍ୟକୁ ତ୍ୱରାନ୍ୱିତ କରି କଂକ୍ରିଟ୍ ରାସ୍ତାରେ ପରିଣତ କରା ନ ଯାଏ, ତେବେ ମିର୍ଜାପୁର ପଞ୍ଚାୟତର ୧ନଂ ୱାର୍ଡର ଜନସାଧାରଣ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବାସନ୍ତିକ ଦୁର୍ଗାପୂଜା ଭସାଣି

ଟାଙ୍ଗୀ, ୨୧।୪(ସମିସ): ମା'ବାସନ୍ତୀକ ଦୁର୍ଗାପୂଜା ଓ ଭସାଣୀ ଉତ୍ସବ ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ କନମିରା ଅଞ୍ଚଳରେ ଭାବଭକ୍ତିର ସହ ପାଳିତ ହୋଇଯାଇଛି। ୧୧୧ ପରିବାର ବିଶିଷ୍ଟ କନମିରା ଗ୍ରାମ୍ୟ କମିଟି ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସରପଞ୍ଚ ଭରତ ବେହେରା ଓ ଯୁବ ସଂଗଠକ ଜନ୍ମେଜୟ ଖିଲାରଙ୍କ ସମେତ ସହସ୍ରାଧିକ



ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ କୃପାଭିକ୍ଷା କରିଥିଲେ। ସ୍ଥାନୀୟ ବାସିନ୍ଦା ତଥା ବିଜେଡି ନେତା ଧିରେନ୍ଦ୍ର ଜେଠୀ କାର୍ଯ୍ୟକ୍ରମ ସଂଯୋଜନା ଓ ଧନ୍ୟବାଦ ଦେଇଥିଲେ। ସେହିପରି କୋଟସାହି ପଞ୍ଚାୟତ କନ୍ଦରକଣା ଓ ମେଡ଼ିକାଲ ଛକ, ଉଚ୍ଚପଦା ପଞ୍ଚାୟତ ମଣିଆ ଓ ସଫା ଅଞ୍ଚଳରେ ମା'ଙ୍କ ପୂଜା ଓ ଭସାଣୀ ଯଥାରୀତି ଅନୁଷ୍ଠିତ ହୋଇଥିଲା।

